Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 11
Sunday, 15 March 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧୫ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

କ୍ରସ ଭୋଟିଂ ଭୟ, ଶାସକ ବିରୋଧୀ ଛକା ପଞ୍ଜା

ଭୁବନେଶ୍ୱର, ୧୪/୩ (ଆ.ପ୍ର) : ବିରୋଧୀ କ୍ୟାମ୍ପରେ କ୍ରସ ଭୋଟିଂ ଭୟ । ବିଜେଡିରେ ଛନକା । କଂଗ୍ରେସର ରିସର୍ଟ ପରେ ନବୀନଙ୍କ ଲଂଚ ପଲିଟିକ୍ସ । ଗତକାଲି ନବୀନ ନିବାସରେ ଡିନର୍‌ସନ କମ ପଡ଼ିଲାଯେ, ଆଜି ବିଧାନସଭାରେ ମଜା ଘୋଳ କରି ବିଜେଡି ବିଧାୟକଙ୍କୁ ବାଣ୍ଡିମ ଦେଲେ ସୁପ୍ତିମୋ ନବୀନ ପଟ୍ଟନାୟକ । ଆଜି ସନ୍ଧ୍ୟାରେ ବି ଥିଲା ବୈଠକ, କିନ୍ତୁ ହଠାତ ଦଳୀୟ ବିଧାୟକଙ୍କୁ ଲଂଚ ପାଇଁ ଡାକିଲେ ବିରୋଧୀ ଦଳ ନେତା । ସମୟ ଯେତେ ପାଖାଉଛି ସେତିକି ଘନଉଛି ରାଜ୍ୟସଭା ଭାଜପାନ୍ତି । ଆଜି ଦିନ ସମୟ ପାଖାପାଖି ସାତେ ୧୧ଟା । ବିଧାନସଭାରେ ପହଂଚିଥିଲେ ନବୀନଙ୍କ ସହ ବିଜେଡି ବିଧାୟକମାନେ । କଂଗ୍ରେସରୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ବିଧାୟକ ଦଳ ନେତା ରାମଚନ୍ଦ୍ର କାଟାମ ଏବଂ ବିଧାୟକ ସାଗର ଦାସ ବି ପହଂଚିଥିଲେ । ଆଉ ବୁଲ ଦଳର ବିଧାୟକଙ୍କ ଉପସ୍ଥିତିରେ ବିଧାନସଭା ସଚିବ କରାଇଥିଲେ ମକ ଭୋଟ । କେମିତି ମତଦାନ ହେବୁନୁ ଯିବେ, କେଉଁଠି ବସିବେ, ବାଲାଟ ପେପର କେଉଁଠୁ ଆଣିବେ, ଭୋଟ କେମିତି ଦିଆଯିବ, ସେନ କେମିତି ବ୍ୟବହାର ହେବ, ସେ ନେଇ ଦିଆଯାଇଥିଲା ପ୍ରଶିକ୍ଷଣ । ଆଜ ଏହାପରେ ବିଜେଡି

ବିଧାୟକମାନେ ବାହାରି ଲଂଚ ପାଇଁ ପହଂଚିଥିଲେ ନବୀନ ନିବାସରେ । ବଜଟଂବଜ ଥିଲା ଶାସକ କ୍ୟାମ୍ପ । ଦିନ ପ୍ରାୟ ୨ଟା । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଂଚିଥିଲେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ୨ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ସମସ୍ତ ମନ୍ତ୍ରୀ ବିଧାୟକ । ଆଉ ସମସ୍ତଙ୍କ ସହ ବୈଠକ କରିଥିଲେ ରାଜ୍ୟସଭା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାଉନକୁଲେ । ପ୍ରଥମେ ବିଧାୟକ ସାଂସଦଙ୍କ ସହ ପଦାଧିକାରୀ ଏବଂ ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ହୋଇଥିବା SIR ଆଲୋଚନା । ପରେ ରାଜ୍ୟସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ସହ ହୋଇଥିଲା ବୈଠକ । ତେବେ ଭୋଟ ଯାଏଁ ମନ୍ତ୍ରୀ ଏବଂ ବିଧାୟକମାନେ ପାରାଦ୍ୱୀପରେ ରହିବାର ବ୍ୟବସ୍ଥା କରିଛି ଦଳ । ଆଉ ସେଠାରେ ବିଧାୟକଙ୍କୁ ଭୋଟ୍ ନେଇ ରାଜିନାମା ଦିଆଯିବ ବୋଲି ସୂଚନା ମିଳିଛି । ଗୋଟିଏ ଦିନ ପରେ ପଡିବ ରାଜ୍ୟସଭା ଭୋଟ. ତା ପୂର୍ବରୁ ଡେଜିଛି ଛକା ପଞ୍ଜା ପଲିଟିକ୍ସ । କଂଗ୍ରେସ ବି ଟେନସନରେ । ଦଳର ୮ ବିଧାୟକ ବାଙ୍ଗାଲୋର ରିସୋର୍ଟରେ ଡେରା ପକାଇଛନ୍ତି । ବିଧାୟକମାନଙ୍କୁ ନେଇ ପିସିସି ସଭାପତି ଭକ୍ତ ଦାସ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ହେପାଜତରେ ରଖିଛନ୍ତି । ହେଲେ ଦଳର ୬ ବିଧାୟକ କର୍ଣ୍ଣାଟକ ଯାଇନାହାନ୍ତି । ଭକ୍ତଙ୍କ ସହ ବିଧାୟକ ସିଏସ ରାଜନ ଏକ୍ସ, ଅଶୋକ ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍କୁ ଖିଲ, ପବିତ୍ର ସାଉଁରା, ଭ୍ରାତାଳା ଆପାଲା ସ୍ୱାମୀ, ନୀଳମାଧବ ହିଛଲା, ସତ୍ୟଜିତ ଗମାଙ୍କ କର୍ଣ୍ଣାଟକରେ ଅଛନ୍ତି । କଂଗ୍ରେସର ସଙ୍କଟ ମୋଚକ କୁହାଯାଉଥିବା କର୍ଣ୍ଣାଟକର ପ୍ରଭାବଶାଳୀ ନେତା ଶିବ କୁମାର ଏବେ ଓଡ଼ିଶା ବିଧାୟକଙ୍କ ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ବିଧାନସଭାରେ ଶୁକ୍ରବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଟାମ, ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୋଫିଆ ଫିର୍ଦୌସ ଆସିଥିଲେ । ହେଲେ କର୍ଣ୍ଣାଟକ ଯାଇନଥିବା ବାକି ୩ଜଣ ବିଧାୟକ ବିଧାନସଭା ମଧ୍ୟ ଆସିନଥିଲେ । ଭକ୍ତଙ୍କ ପୁଅ ଜଗନୀନାଥଙ୍କଠାରେ ବିଧାୟକ ସାଗର ଦାସଙ୍କର ନିଜଘରେ ପୁତ୍ର ସନ୍ତାନ ହୋଇଥିବାରୁ ସେ କର୍ଣ୍ଣାଟକ ଯାଇନଥିବା କୁହାଯାଉଛି । ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ମୋହନା ବିଧାୟକ ବାଶୁଦେବୀ ରମାଙ୍କ କର୍ଣ୍ଣାଟକ ନ ଯିବା ଓ ବିଧାନସଭା ନ ଆସିବା ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

୯୨ ହଜାର ଟନ୍ ଏଲପିଜି ନେଇ ଆସୁଛି ଦୁଇଟି ଭାରତୀୟ ଟ୍ୟାଙ୍କର

ନୂଆଦିଲ୍ଲୀ, ୧୪/୩(ନ୍ୟୁ.ଏ): ବାରମ୍ବାର ଅନେକ ଅପିଲ ସତ୍ତ୍ୱେ ରୋଷେଇ ଗ୍ୟାସ୍ ସିଲିଣ୍ଡରର ନିରନ୍ତର ବୁକିଂ ବୃଦ୍ଧି ଘଟୁଛି । ଏହି ମଧ୍ୟରେ ସରକାର ଶନିବାର ପୁଣି ଥରେ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି । ଭୟଭୀତ ଓ ବିଚଳିତ ହୋଇ ସିଲିଣ୍ଡର ବୁକିଂ କରନ୍ତୁ ନାହିଁ ଏବଂ କହିଛନ୍ତି , ଦେଶରେ ଏଲପିଜିର ଅଭାବ ନାହିଁ , ତଥା ହୋର୍ମୁଜ ପ୍ରଣାଳୀରେ ଫସି ଥିବା ଜାହାଜର ଦୁଇଟି ଏଲପିଜି ଟ୍ୟାଙ୍କର ପ୍ରାୟ ୯ ହଜାର ଟନ୍ ଗ୍ୟାସ ସହ ସନ୍ଧାରେ ଦେଶ ଅଭିମୁଖେ ଆସୁଛି । ଦେଶରେ ଏଲପିଜି ଯୋଗାଣରେ ସମାଧାନ ହୋଇଯିବ । ଏହା ବ୍ୟତୀତ ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ରାଣ୍ଡିମିଲ ଉପଭୋକ୍ତାଙ୍କୁ ମଧ୍ୟ ଏଲପିଜି ଗ୍ୟାସ୍ ସିଲିଣ୍ଡରର ସପ୍ଲାଇ ଆରମ୍ଭ କରି ଦିଆ ଯାଇଛି । ଏହାସହ ସେମାନଙ୍କୁ ତାଙ୍କ ଅଂଚଳରେ ଉପଲବ୍ଧ ପାଇପ୍‌ଡ଼ ପ୍ରକୃତିକ ଗ୍ୟାସ ସଂଯୋଜନ ଆପଣାଇବାର ପରାମର୍ଶ ମଧ୍ୟ ଦିଆଯାଇଛି । ଏଲପିଜିର କଳାବଜାରୀ ଓ ଗଚ୍ଛିତାକରଣକୁ ରୋକିବା ପାଇଁ ମଧ୍ୟ ନିରନ୍ତର ତଦାରକ କରାଯାଇଛି ଏବଂ ସାରା ଦେଶରେ ୨୦ଟି ଏମଆଇଆର ଗୁଳୁ କରି ଲୋକଙ୍କୁ ହେପାଜତକୁ ନିଆଯାଇଛି । ଦେଶରେ ଏଲପିଜିର ଉତ୍ପାଦନ ୨୮ଗୁ କରି ୩୧ ପ୍ରତିଶତ ହୋଇ ଯାଇଛି । ଏହା ମଧ୍ୟ କୁହାଯାଇଛି ଯେ, ଦେଶରେ ୨୦୨୬ ଝରିଫ ଋତୁ ପାଇଁ ସାରର ପର୍ଯ୍ୟାପ୍ତ ଷ୍ଟକ୍ ମଜୁଦ ରହିଛି ଏବଂ ଏହାକୁ ନେଇ କେବେ ବି ବିଚଳିତ ହେବାର କୌଣସି ଆବଶ୍ୟକତା ନାହିଁ । ପଶ୍ଚିମ ଏସିଆରେ ଫସିଥିବା ଭାରତୀୟଙ୍କ ସ୍ୱଦେଶ ଫେରିବାର ପ୍ରକ୍ରିୟା ଜାରି ରହିଥିବ ଏବଂ ବିଭିନ୍ନ ବିମାନରେ ଏବେସୁଦ୍ଧା ୧ ଲକ୍ଷ ୬୨ ହଜାର ଭାରତୀୟ ନାଗରିକ ସ୍ୱଦେଶ ଫେରି ସାରିଛନ୍ତି । ଉପସାଗରୀୟ କ୍ଷେତ୍ରରେ ଭାରତୀୟ ପରାଣ ଥିବା ୨୨ ଜାଜାଜ ଏବେ ବି ଅଛି ଏବଂ ଏଥିରେ ଥିବା ସବୁ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ସୁଜାତା ଶର୍ମା ,ବିନ୍ଦୁ ମନ୍ତ୍ରଣାଳୟ ସହ ନିୟମିତ ବ୍ରିଫିଂରେ କହିଛନ୍ତି – ଦେଶରେ ଅଶୋଧିତ ତୈଳର ପର୍ଯ୍ୟାପ୍ତ ପରିମାଣର ସପ୍ଲାଇ ଅଛି ଏବଂ ପେଟ୍ରୋଲ ତଥା ଡିଜେଲର ଅଭାବ ନାହିଁ ।

କଂଗ୍ରେସକୁ ପ୍ରଧାନମନ୍ତ୍ରୀଙ୍କ ତୀବ୍ର ସମାଲୋଚନା

ଗୁଆହାଟୀ, ୧୪/୩(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଆସାମ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମ ଏସିଆ ଯୁଦ୍ଧ ନେଇ କଂଗ୍ରେସପାର୍ଟିକୁ ତୀବ୍ର ସମାଲୋଚନା କରିଛନ୍ତି । କଂଗ୍ରେସ ଯୁଦ୍ଧକୁ ନେଇ ଦେଶରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି । ଆସାମରେ ଆମକୁ ବିଧାନସଭା ନିର୍ବାଚନ ଥିବାବେଳେ ମୋଦୀ ବାରାକ୍ ଉପତ୍ୟକାର ସିଲଚରଠାରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ଯୁଦ୍ଧର ପ୍ରଭାବ ଭାରତ ଉପରେ ସବୁଠୁ କମ୍ ଯେଉଁଠି ପଡ଼ିବ ସେଥିପାଇଁ ଭାରତ ସରକାର ପୂର୍ବ ପ୍ରୟାସ କରୁଛନ୍ତି । କଂଗ୍ରେସ ଏକ ଦାୟିତ୍ୱହୀନ୍ତ୍ର ରାଜନୈତିକ ଦଳର ଭୂମିକା ଗ୍ରହଣ କରିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଏହା ଦେଶର ଜନତାଙ୍କ କଳ୍ୟାଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାରେ ପୁରାପୁରି ବିଫଳ ହୋଇଛି । କଂଗ୍ରେସ ଚାହୁଁଛି ଦେଶରେ ଆତଙ୍କ ସୃଷ୍ଟି କରି ମୋଦୀଙ୍କୁ ସମାଲୋଚନା କରିପାରିବ । କଂଗ୍ରେସର ଦେଶ ପାଇଁ କୌଣସି ଦୂରଦୃଷ୍ଟି ନାହିଁ । ଆସାମରେ ଲୋକମାନେ ମଧ୍ୟ ଏହି ଦଳକୁ ନେଇ ଚିନ୍ତିତ । କଂଗ୍ରେସକୁ ସବୁ ରାଜ୍ୟ ଜବା ଶିକ୍ଷା ଦେଇଛନ୍ତି । ଏହା ନିର୍ବାଚନ ପରେ ନିର୍ବାଚନ ହାରିବାରେ ଲାଗିଛି ବୋଲି ମୋଦୀ କହିଥିଲେ । ମୋଦୀ ଏହି ଅବସରରେ ୨୪,୦୦୦ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ସିଲଚର ଲାଇଲିଙ୍କ କରିଡ଼ରର ଶିଳାନ୍ୟାସ କରିଥିଲେ । ଉତର-ପୂର୍ବ ଭାରତରେ ଏହା ଏପରି ପ୍ରଥମ ସଡ଼କ ଯାହା ସିଲଚରକୁ ମିଜୋରାମ, ମଣିପୁର ଓ ତ୍ରିପୁରା ଏପରିକି ଦକ୍ଷିଣ-ପୂର୍ବ ଏସିଆର ବିଶାଳ ବଜାର ସହିତ ଯୋଡ଼ିବ ।

ରାଜ୍ୟରେ ୩ ଲକ୍ଷ ୧୧ ହଜାର ୬୯୦ ମାମଲା ଫଏସଲା

କଟକ, ୧୪/୩ (ଆ.ପ୍ର) : ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୩ ଲକ୍ଷ ୧୧ ହଜାର ୬୯୦ ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଛି । ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟ ବିଚାରପତି ଜଷ୍ଟିସ ଜଗିଶ ଚନ୍ଦନ ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଟଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସାରା ରାଜ୍ୟରେ ୩,୧୧,୬୯୦ ମାମଲାର ଫଏସଲା କରାଯାଇ ଜରିମାନା ଓ କ୍ଷତିପୂରଣ ବାବଦରେ ୧୬୬ କୋଟି ୨୩ ଲକ୍ଷ ୧୩ ହଜାର ୯୨୫ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଲୋକ ଅଦାଲତରେ ଲଇୟର ବିଚାରାଧୀନ ଓ ପ୍ରାକ୍-ମୋକଦ୍ଦମା ସ୍ତରୀୟ ସମାଧାନ ଯୋଗ୍ୟ ମାମଲାର ଫଏସଲା କରାଯାଇଛି । ଫଏସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୦୬ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ୨୦ଟି ମ୍ୟୁ ବାର୍ଗେନିଂ ମାମଲା, ୧୭୯୯ଟି ଚେକ୍ ବାଉନ୍ସ (ଏନଆଇ ଆକ୍ଟର ଧାରା ୧୩୮), ୪୭୧ଟି ଅର୍ଥ ଆଦାୟ (ମନି ରିକଭରି) ମାମଲା, ୯୨୮ଟି ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ୯୬୮ଟି କମ୍ପାଉଣ୍ଡେବଲ ଟ୍ରାଫିକ ଚାଲାଣ, ୪୮ଟି ଶ୍ରମ ବିବାଦ, ୬ଟି ବିଦ୍ୟୁତ, ଜଳ ସଂପର୍କିତ ଜନସେବା ମାମଲା, ୪୬୭ଟି ପାରିବାରିକ ଓ ବୈବାହିକ ବିବାଦ, ୨ଟି ଭୂ-ଅର୍ଜନ ମାମଲା, ୮ଟି ଚାକିରି (ପେନସନ ଅନ୍ତର୍ଭୁକ୍ତ) ମାମଲା, ୨୮୧୬୨୧ଟି ରାଜସ୍ୱ ଓ ସଂକ୍ରାନ୍ତୀୟ ଅନ୍ୟ ମାମଲା, ୧୭ଟି ଆଇପିଆର ଉପଯୋଗୀ ବିବାଦ, ୧୫୬୬ଟି ଅନ୍ୟାନ୍ୟ ଦେୱାନୀ, ୧୩୧୬୭ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା, ୬ଟି ବେଦୁ ଜିକରରି ଟ୍ରିବୁନାଲ(ଡିଆରଟି) ମାମଲା, ୬ଟି ରାଜ୍ୟ ଖାଉଟି ବିବାଦ ସମାଧାନ କମିସନ ମାମଲା, ୩ଟି ଶ୍ରମ ଅଦାଲତ ମାମଲା, ୧୨ଟି ଶିଳ୍ପ ଟ୍ରିବୁନାଲ ମାମଲା ଅନ୍ତର୍ଭୁକ୍ତ । ଏହି ମାମଲା ଗୁଡିକର ଶୁଣାଣି କରାଯାଇ ଆପୋଷ ସହମତି ଆଧାରରେ ଫଏସଲା କରାଯାଇଛି । ପ୍ରାୟ ମୋକଦ୍ଦମା ସ୍ତରୀୟ ୧୦ ହଜାର ୨୭୬ଟି ମାମଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଏସଲା କରାଯାଇଛି । ଜିଲ୍ଲା ଓ ଡାକୁଲା ଅଦାଲତ, ଡିଆରଟି, ରାଜ୍ୟ ଖାଉଟି ବିବାଦ ସମାଧାନ କମିସନ, ଶିଳ୍ପ ଟ୍ରିବୁନାଲ, ରାଜ୍ୟ ଶିଳ୍ପ ଟ୍ରିବ୍ୟୁନାଲ, ଶ୍ରମ ଅଦାଲତରେ ଟ୍ରିବୁନାଲରେ ବିଚାରାଧୀନ ମାମଲା ମଧ୍ୟରୁ ୧୯୮୦୧ଟି, ୨୮୧୬୧୨ଟି ରାଜସ୍ୱ ମାମଲା ଆପୋଷ ବୁଝାମଣାରେ ଫଏସଲା କରାଯାଇଛି ବୋଲି ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି ।

ରାଜ୍ୟସଭା ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ଝାଡିଲେ ସୋଫିଆ

ଭୁବନେଶ୍ୱର, ୧୪/୩ (ଆ.ପ୍ର) : ରାଜ୍ୟ କଂଗ୍ରେସର ଶୀର୍ଷ ନେତୃତ୍ୱ ଓ ଦଳର କାର୍ଯ୍ୟଶୈଳୀ ନେଇ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୌସ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସୋଫିଆ କହିଛନ୍ତି ରାଜ୍ୟସଭା ପ୍ରାର୍ଥୀ ଚୟନ ନେଇ ତାଙ୍କ ସହିତ ଅନ୍ୟ କିଛି ବିଧାୟକଙ୍କ ସହ ଦଳର ନେତୃତ୍ୱ କୌଣସି ଆଲୋଚନା କରି ନାହାନ୍ତି । ଏହା ସହ ରାଜ୍ୟସଭା ନିର୍ବାଚନରେ ଗୋଡା ଦେପାଇ ଅଦଲାବଦଳ ପାଇଁ କଂଗ୍ରେସ ବିଧାୟକ ମାନେ ବେଙ୍ଗାଲୁରୁ ଯିବା ସମ୍ପର୍କରେ ତାଙ୍କୁ ଜଣାଯାଇ ନାହିଁ ବା ଡକାଯାଇ ନାହିଁ ବୋଲି କହିଛନ୍ତି

ସୋଫିଆ । ତେଣୁ ସେ ବେଙ୍ଗାଲୁରୁ ଯିବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ସୋଫିଆ ବିଜେଡ ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ ନେଇ ମଧ୍ୟ ତାଙ୍କ ସହିତ କୌଣସି ଆଲୋଚନା ହୋଇନଥିବା ସୋଫିଆ ସୂଚନା ଦେଇଛନ୍ତି । ଏହା ସହ ବିଜେଡି ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ କରିବା ଠିକ୍ ନଥିଲା ବୋଲି କହିଛନ୍ତି ସୋଫିଆ ଫିର୍ଦୌସ । ସେପଟେ ନିର୍ବାଚନରେ ନିର୍ଣ୍ଣିତ ମତଦାନ କରିବେ ବୋଲି କହିଛି ସହ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବା ନେଇ ସୋଫିଆ କିଛି ସ୍ପଷ୍ଟ କରି ନାହାନ୍ତି । କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବେ କି ବୋଲି ସାମ୍ବାଦିକ ମାନେ ପ୍ରଶ୍ନ କରିବାରୁ ସୋଫିଆ କୌଣସି ସ୍ପଷ୍ଟ ଉତର ଦେଇନଥିଲେ ।

ଜରୁରି ଏୟାର ଲିଫ୍ଟିଂ ଯୋଜନାକୁ ମଞ୍ଜୁର

ଭୁବନେଶ୍ୱର, ୧୪/୩ (ଆ.ପ୍ର) : ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ଯୋଗାଇବା କ୍ଷେତ୍ରରେ ଓଡ଼ିଶା ଆଜ ପାଇବ ଆଗେଇଲା । ରୋଗୀଙ୍କୁ ଅତି ଜରୁରି ସମୟରେ ରାଜ୍ୟ ବାହାରକୁ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର 'ଏମର୍ଜେନ୍ସି ଲେୟର ବାଏ ଏୟାର ଲିଫ୍ଟିଂ' ଯୋଜନାକୁ ମଞ୍ଜୁର ମିଳିଛି । ଯୋଜନା ରୋଗୀଙ୍କ ଲାଗି ଦେବଦୂତ ସାବିତ । ରୋଗୀଙ୍କୁ ମାଗଣା ଏୟାର ଆମ୍ବୁଲାନ୍ସ ପରିଚାଳନା ସେବା ମିଳିବ । ରାଜ୍ୟ ସରକାର

ଏହାର ଗଣ୍ଡ ଖର୍ଚ୍ଚ ବହନ କରିବେ । ଏନେଇ ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଅତି ଜରୁରି ସମୟରେ ରୋଗୀଙ୍କୁ ରାଜ୍ୟ ବାହାରକୁ ଦୂରନ୍ତ ଚିକିତ୍ସା ପାଇଁ ଘରୋଇ ଏୟାର ଆମ୍ବୁଲାନ୍ସରେ ନେବା ପାଇଁ ପୂର୍ବରୁ କୌଣସି ଯୋଜନା ନଥିଲା । ନୂଆ ବ୍ୟବସ୍ଥା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଏଥାର ଅନୁମୋଦନକାରୀ କର୍ତ୍ତୃପକ୍ଷ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ମୋତାଲ ବିଭାଗ ଭାବେ କାର୍ଯ୍ୟ କରିବ । ଏହା ସମସ୍ତ ନୀତିଗତ ନିଷ୍ପତ୍ତି ଗ୍ରହଣ କରିବ । ସେଥିପାଇଁ ଏକ ଏକପର୍ଟ କମିଟି ଗଠନ ହୋଇଛି । ସେଥିରେ ଡିଏମଓଟି ଓ ଡିଏଚ୍‌ଏସ ଅଛନ୍ତି ।

ପାରାଦ୍ୱୀପ ଗଲେ ବିଜେପି ବିଧାୟକ

ଭୁବନେଶ୍ୱର, ୧୪/୩ (ଆ.ପ୍ର) : ସୋମବାର ରାଜ୍ୟସଭା ନିର୍ବାଚନ । ହେଲେ ସଗିଙ୍କୁ ଘାଉଡ଼ା ବେପାରର ଭୟ । ଭୋଟ ନାଳକ ଭୟ । ଏଥିରି ଲିଡରେ ବିଜେପି ବିଧାୟକ ଯାଇଛନ୍ତି ପାରାଦୀପ । ଭୁବନେଶ୍ୱରରୁ ଦୁଇଟି ସ୍ୱତନ୍ତ୍ର ବସରେ ଯାଇଛନ୍ତି । ରାଜ୍ୟସଭା ପ୍ରାର୍ଥୀଙ୍କୁ କେମିତି ଭୋଟ୍ ଦିଆଯିବ ତାର ଟ୍ରେନିଂ ବିଧାୟକଙ୍କୁ ସେଠାରେ ଦିଆଯିବ । ସେଠାରୁ ସୋମବାର ସକାଳେ ବିଧାୟକମାନେ ବିଧାନସଭାରେ ପହଂଚିବେ । ଆଉ ରାଜ୍ୟସଭା ପାଇଁ ପ୍ରାର୍ଥୀଙ୍କୁ ଭୋଟ ଦେବେ । ବିଜେପିର ଅଧିକାଂଶ ବିଧାୟକ ନୂଆଁ କରି ନିର୍ବାଚିତ ହୋଇଛନ୍ତି । ପ୍ରଥମ ଥର ସେମାନେ ରାଜ୍ୟସଭା ନିର୍ବାଚନରେ ଭୋଟ୍ ଦେବାକୁ ଯାଉଛନ୍ତି । ରାଜ୍ୟରେ ଯେଉଁଭଳି ଭାବେ ଚତୁର୍ଥ ଆସନକୁ ନେଇ ଶାସକ ଓ ବିରୋଧୀ ପାର୍ଟି ମଧ୍ୟରେ ଟକ୍କର ଚାଲିଛି । ସେଥିରେ ପ୍ରତିଟି ବିଧାୟକଙ୍କ ଭୋଟ୍ ବହୁ ମୂଲ୍ୟବାନ । ଭୋଟ୍ ଯେମିତି ନାଳକ ନ ହେବ ସେଥିପ୍ରତି ସମସ୍ତଙ୍କ ନଜର ରହିଛି । ବିଜେପି ନିଜ ବିଧାୟକଙ୍କୁ ଉପଯୁକ୍ତ ଟ୍ରେନିଂ ଦେବାକୁ ପାରାଦୀପ ନେଇଛି । ସେଠାରେ ଦଳୀୟ ସଭାପତିଙ୍କଠୁ ନେଇ କ୍ୟାବିନେଟ୍ ମନ୍ତ୍ରୀ ସମସ୍ତେ ଉପସ୍ଥିତ ରହିବେ । ଏହା ପୂର୍ବରୁ ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସଭା ନେଇ ବୈଠକ ବସିଥିଲା । ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ, ବିଧାୟକ, ସାଂସଦ ଏବଂ ସମସ୍ତ ବିଧାୟକ ଏଥିରେ ଉପସ୍ଥିତ ରହିଥିଲେ । ଏହା ପରେ ବିଧାୟକ ମାନଙ୍କୁ କେମିତି ଭୋଟ ଦିଆଯିବ ସେ ନେଇ ଟ୍ରେନିଂ ଦିଆଯାଇଥିଲା । ଟ୍ରେନିଂ ପରେ ସବୁ ବିଧାୟକ ବସରେ ବସି ପାରାଦ୍ୱୀପ ଏକ ତାରକା ହୋଟେଲକୁ ଯାତ୍ରାଯିଥିଲେ ।

ଶିଶୁଙ୍କ ସୁରକ୍ଷା

ସମସ୍ତଙ୍କୁ
ଆରମ୍ଭ
SEITHO ARAMBHA
ରବିବାର, ୧୫ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନଇରି ଦଶଦୋଳ ମେଳଣରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ବିଲିଆଦାଣପୁର, ୧୪/୩ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବିଲିଆ ବ୍ଲକ ଅନ୍ତର୍ଗତ ନଇରୀସ୍ଥିତ ମେଳଣ ପଡିଆ ଠାରେ ଏକ ଗଣ୍ଡି ଗାଦମୟ ପରିବେଶୀ ମଧ୍ୟରେ ଦଶ ଦୋଳ ମେଳଣ ପାଳିତ ହୋଇଯାଇଅଛି । ଦଶମୀ ଦିନ ରାତ୍ରିର ପ୍ରଥମ ପ୍ରହରରେ ମେଳଣ ପଡ଼ିଆର ଦୋଳମଞ୍ଚସ୍ଥରେ ମଙ୍ଗଳବାଦକ ପୂଜାର୍ଚ୍ଚନା ଓ ଘୋଷ ଅନୁଷ୍ଠିତ ଜଗାଯାଇଥିଲା । ମଧ୍ୟଗାନ୍ତରେ ପିଠାଧୀସ ଶ୍ରୀ ଶ୍ରୀ ହରିଗୋବିନ୍ଦ ଦେବ ସାମିଲ ଠାକୁର ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଦେବ ବୃଷଭ ଓ ଗରୁଡ଼ ବିମାନରେ ବିରାଜିତ ଶ୍ରୀ ଶ୍ରୀ ଗାବିଶ୍ୱର ଦେବ ଓ ମା ଭଗବତୀ କାଠୀ ଠାକୁରାଣୀ ଏକ ସଙ୍ଗେ ବିରାଟ ପଟୁଆରରେ ପଡ଼ିଆକୁ ବିଜେ କରିଥିଲେ । ଏଆଡ଼ରେ ନିମନ୍ତ୍ରିତ ଅନ୍ୟାନ୍ୟ ଠାକୁରମାନେ ରଙ୍ଗ ରଙ୍ଗୀନ୍, ରୋଷଣୀ କରି ଶ୍ରୀଶ, ସିଂହ, ଗରୁଡ଼, ହନୁମାନ, ଦୋଳ ବିମାନରେ ପଡ଼ିଆ ମଧ୍ୟରେ ନିଜ ନିଜର ଆସନରେ ବିରାଜ ମାନ କରିଥିଲେ । ଏହି ମେଳଣରେ ବିଲିଆ ବ୍ଲକ ଓ ବାଣପୁର ବ୍ଲକର ବିଭିନ୍ନ ଗ୍ରାମ ଯଥା ସାନ ନଇରୀ, ବଡ଼ ନଣ୍ଡରୀ, ହରିପୁର, ଛୋଟରାୟପୁର, ଗଙ୍ଗାଧରପୁର, ଜୀବନ ଦେଇ ପୁର, କୁମାଣ୍ଡୋଳ, ଗମେଳ, ସୁନାଖାଣ୍ଡା, ଇଛାପୁର, ବାଲିଆ, ଗୋରଡ଼ାଖଣ୍ଡରୀ, ସିଂହପୁର ପ୍ରମୁଖ ଗ୍ରାମ ମାନଙ୍କରୁ ଚାଳିଶ ଦେବାଦେବୀ ଯଥା ପଶ୍ଚିମାଭିମୁଖ ମହାଶମ୍ଭୁ

ଶ୍ରୀ ଶ୍ରୀ ପ୍ରଚାପେଶ୍ୱର ଦେବ, ମା ଦୁର୍ଗା ଠାକୁରାଣୀ, ଶ୍ରୀ ଶ୍ରୀ ବାଲୁକେଶ୍ୱର ଦେବ, ଶ୍ରୀ ଶ୍ରୀ ଗୋପୀନାଥ ଦେବ, ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେବ, ଶ୍ରୀ ଶ୍ରୀ ଜଗୁନାଥ ଦେବ, ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ, ଶ୍ରୀ ଶ୍ରୀ ରାଧାକୃଷ୍ଣ ଦେବ, ଶ୍ରୀ ଶ୍ରୀ ଲୋକନାଥ ଦେବ, ମା ଭୁଲୁଣୀ ଠାକୁରାଣୀ, ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ଶ୍ରୀ ମଦନ ମୋହନ ଦେବ, ଶ୍ରୀ ଶ୍ରୀ ବାଙ୍କାଳିଧ୍ୱ ଦେବ, ଶ୍ରୀ ଶ୍ରୀ ରାଧାକାନ୍ତ ଦେବ, ଯଜ୍ଞ ନାରାୟଣ ଦେବ, ମା ଘୋମ ଦେବୀ ପ୍ରମୁଖ ଠାକୁର ଠାକୁରାଣୀ ମାନେ ପଡ଼ିଆରେ ବିଜେ କରିଥିଲେ । ଏହି ଦୋଳ ମେଳଣର ମହିମା ଗାଇବେ ସମସ୍ତ ଦେବଦେବୀ ବନ୍ଧୁ ପରିମାଣରେ ବିଭିନ୍ନ ଫୁଲ ତଥା ରେଣ୍ଡୁ, ଗୁଲୁବାସ, ଚନ୍ଦନ, ଦେଲପତ୍ର ହାର, ଗଛିଆରେ ଦେବଦେବୀ ଓ ବିମାନ ସଜ୍ଜିତ ହୋଇଥିଲେ । ଶହ ଶହ ବର୍ଷ ପୁରାତନ ଏହିଦୋଳ ମେଳଣରେ ପୂର୍ବପୂରୀ ଅନୁଯାୟୀ ପଣାଭୋଗ, ଚରାଭୋଗ, ଡାଳାଭୋଗ ସହିତ ଆଳତୀ ଓ ପୁଷ୍ପାଞ୍ଜଳି ସମସ୍ତ ଦେବଦେବୀ ମାନଙ୍କ ନିକଟରେ ସମର୍ପଣ କରାଯାଇଥିଲା । ଅପରାହ୍ନର ଗୋଧୂଳି ଲଗ୍ନରେ ଚିନି କାଜାଳୀ ଅନୁଷ୍ଠିତ ହୋଇ ପ୍ରଚୁରମାନେ ସୁସ୍ଥାନରୁ ମେଳଣ ନିମନ୍ତେ ବାହାରିଥିଲେ । ସମ୍ପୂର୍ଣ୍ଣ ପଡ଼ିଆରେ ତିନିଘେରା ପରିକ୍ରମା କରାଯାଇ ଐତିହାସିକ ଦୋଳ ମେଳଣ ସମ୍ପନ୍ନ କରାଯାଇଥିଲା । ଏହି ଦଶଦୋଳ ମେଳଣ ଯାତ୍ରା ସମାରୋହରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ତମାମ ୨୨ ମୌଜା ଅଂଚଳରୁ ଆସି ଆଶ୍ରୁତ ହୋଇଥିବା ଦେବଦେବୀମାନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଅଂଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ଏହି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଳିଶ ଦେବଦେବୀଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ଭକ୍ତ ମାନେ ଗାଦବିହ୍ୱଳ ହୋଇ ଯାଇଥିଲେ । ଏହି ମେଳଣରେ ବାଲିଶି ମୌଜା କମିଟି ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ, ଅଙ୍ଗନୱାଡ଼ି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ । ବନ୍ଧୁ ପରିମାଣର ଦୋକାନ ବଜାର, ମିନା ବଜାର ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଜାରି ରହିଥିବାର କର୍ମକର୍ତ୍ତାଙ୍କ ଠାରୁ ସୂଚନା ମିଳିଛି । ଶାନ୍ତି ଶୃଙ୍ଖଳା ରକ୍ଷା ବିଭାଗେ ବାଲୁଗୁଣି ଏସ ଡି ପି ଓ ସବ୍ଜଜ କୁମାର ପଟ୍ଟନାୟକ ଓ ନାବୁଣୀ ଆନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପବିତ୍ର ଦଶଦୋଳର ମଜା ସ୍ଥାନୀୟ ଜନସାଧାରଣ ବେଶ୍ ଉପଭୋଗ ସହିତ ଉଠାଇ ଥିବାର ଦେଖା ଯାଇଥିଲା ।

ଜିଲ୍ଲା କିନ୍ନର ସଂଘର ସଦସ୍ୟଙ୍କୁ ରେସନ୍ କାର୍ଡ ପ୍ରଦାନ

ନବରଙ୍ଗପୁର, ୧୪/୩ (ଆ.ପ୍ର) : ଜିଲ୍ଲା କିନ୍ନର ସଂଘର ରାଇଘର ବ୍ଲକ୍ ଅଂଚଳର ସଦସ୍ୟ ଜୟନ୍ତୀ ଗାଇ, ବିପିନ୍ କୁମାର, ଅଜୁ ବାସୁ, ଶବ୍ଦୁଲାଲ ଗଣ୍ଡ, ଗୋପା ଗଣ୍ଡ ପ୍ରମୁଖ କିନ୍ନରଙ୍କୁ ଯୋଗାଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୁ ସିଂ ଦ୍ୱାରା ରେସନ କାର୍ଡ ପ୍ରଦାନ କରାଯାଇଛି । ଏଣିକି ଏମାନେ ମାସିକ ୩୫ କିଲୋ ଲେଖାଏଁ ରାଉଜ ପାଇବେ । ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଗଠନ ହେବା ପର ଠାରୁ ଜିଲ୍ଲା କିନ୍ନର ମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନାର ଲାଭ ପାଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । କିନ୍ନରଙ୍କୁ ରେସନ କାର୍ଡ ପ୍ରଦାନ କରିବାବାଦୁ ଜିଲ୍ଲା ପ୍ରଶାସନ କୁ କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ

କରିଛନ୍ତି । ପ୍ରଶାସନର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ସଂଘ ଗଠନ ପରେ ଜିଲ୍ଲା କିନ୍ନର ମାନଙ୍କ ଏପରି ଉନ୍ନତି ଦେଖି ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ରାଜା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଉତ୍କଳ ସଂସ୍କୃତି ପଣ୍ଡା, ଫ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ , ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀଳାବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ଦୁର୍ଗା ପାଢ଼ୀ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ସଂଘର ସଭାପତି ଜାଳକ କିନ୍ନର, ସମ୍ପାଦକ ଦୁର୍ମଣି କିନ୍ନର, ସହ ସମ୍ପାଦକ ପ୍ରତି କିନ୍ନର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ପୂରାତନ ମନ୍ଦିର ନବୀକରଣ; ମନ୍ଦିର ପ୍ରବେଶ ପୂର୍ଣ୍ଣ ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୧୪/୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀବାସୁପୁର ଗ୍ରାମ ସଂଗାୟତର କ୍ଷେମପୁର ଗ୍ରାମରେ ପ୍ରାୟ ୩୦୦ ବର୍ଷ ପୁରୁଣା ରାଧାକାନ୍ତ ଜୀଉ କୁଳଦେବତାଙ୍କ ପୁରାତନ ମନ୍ଦିରର ଜରାଜରଣ ଭାଙ୍ଗି ସମାପ୍ତ ହେବା ପରେ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣ ପ୍ରତିଷ୍ଠା ଉତ୍ସବ ଲକ୍ଷିମୟ ପରିବେଶରେ ଅନୁଷ୍ଠିତ ହୋଇଛି । ସମାଜସେବୀ ମାଧବ ଚରଣ ପୁହାଣଙ୍କ ପ୍ରୟାସରେ ଏହି ଜରାଜୀର୍ଣ୍ଣ ମନ୍ଦିରକୁ ନବୀକରଣ କରାଯାଇଥିବା ବେଳେ ଏହି ଅବସରରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଆସିଥିବା ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ଦିର ନବୀକରଣକାରୀ ଶ୍ରୀଯୁକ୍ତ ମାଧବ ଚରଣ ପୁହାଣଙ୍କ ସହ ଶରତ କୁମାର ଦାସ, ଧରଣୀଧର ଦାସ, ଡମାଳାନ୍ତ ଦାସ, ଇଶ୍ୱର ଚନ୍ଦ୍ର ଦାସ, ବୈଦ୍ୟର ବିଶ୍ୱାଳ, ପଶୁପତି ଦାସ, ହେମାନ୍ତ ଦାସ, ମନୁଆ ଦାସ, ରାମାକାନ୍ତ ଦାସ ଓ ଦାସ ପରିବାର ସହ କ୍ଷେମପୁର ଗ୍ରାମବାସୀ ମାନେ ଉପସ୍ଥିତ ରହି ଉତ୍ସବକୁ ସମ୍ପନ୍ନ କରିଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଚାଳନା କାର୍ଯ୍ୟକ୍ରମ

ଖଲ୍ଲିକୋଟ, ୧୪/୩ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିକ୍ଷାକେନ୍ଦ୍ର ଆଜୁକୁଲ୍ୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆୟୋଜିତ ପାଂଚଦିନ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମଟିର ଶୀର୍ଷକ ଥିଲା 'ଉତ୍କର୍ଷ ପରିଚାଳନା ଓ ଯୋଜନା' ଯାହାର ଉଦ୍ଦେଶ୍ୟ ସାମ୍ପ୍ରତିକ ଡିଜିଟାଲ ଯୁଗରେ ଯୋଜନା ଜୌଶଳର ପ୍ରଦର୍ଶନ । ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଡକ୍ଟରାଲ ଭୁକ୍ତ ଛାତ୍ର, ଗବେଷକ ଓ ସାଧାରଣ ବର୍ଗର ମୋଟ ୨୫ ଜଣ ଶିକ୍ଷାର୍ଥୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପ୍ରଶିକ୍ଷକ ଭାବରେ ଡ. ବିଶ୍ୱଜିତ ଛାଟୋଇ, ଡ. ସାରଦା ପ୍ରସାଦ ସାହୁ, ଡ. ଲାଳିପ୍ରସାଦ ରବି, ଶ୍ରୀ ଦାଶବାସ ସାମନ୍ତରାୟ, ଡ. ତିମଲ ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷା ଦେଇଥିଲେ । ପାଂଚଦିନ ବ୍ୟାପୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଜି ଶେଷଦିନରେ ଉଦଯାପନୀ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଏମ୍. ଏସ୍. ଏମ୍. ଇ ର ଉପନିର୍ଦ୍ଦେଶକ ଶ୍ରୀ ଜି. ଜି. ରାମାରାଓ, ବୈଜ୍ଞାନିକ ସହଯୋଗୀ ଶ୍ରୀ ଜମାରଉଣ ପାତ୍ର, ସଂଯୋଜକ ଶ୍ରୀଯୁକ୍ତ ବିରେକାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ବଂଟନ କରିଥିଲେ । ଏହି ଉଦଯାପନୀ ପର୍ବରେ ସ୍ୱତନ୍ତ୍ରକୋରର ପରିଷଦ ଅଧକ୍ଷ ଡ. ମନୋଜ ପଟ୍ଟନାୟକ, ଅଧ୍ୟାପିକା ଡ. ସୁପ୍ରିତା ପଟ୍ଟନାୟକ, ଶ୍ରୀ ଅଶୋକ ମୁଦୁଲି ପ୍ରମୁଖ ଉପସ୍ଥିତ ରହିଥିଲେ ।

ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୪/୩ (ଆ.ପ୍ର) :ସ୍ଥାନୀୟ ରାଜପରି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ଠାରେ ଥିବା ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ.ରାଜା ସାହୁକାର ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମଧୁମିତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଅଧକ୍ଷ ନିଜର ବକ୍ତବ୍ୟରେ ମହିଳାମାନେ ସୋସିଆଲ ମିଡିଆର ଦୁରୁପୟୋଗରୁ ନିଜକୁ ପରାମର୍ଶ ଦେଇଥିଲେ । ଲଂଗାଳୀ ଅଧକାରୀ ବେଦବ୍ୟାସ ଅର୍ଚ୍ଚାରୀ ଛାତ୍ରୀମାନଙ୍କୁ ମାନବିକ ଜିନ୍ସ ଶାରୀରିକ ବୈଷମ୍ୟରୁ ମୁକ୍ତ ରହିଯିବାପାଇଁ ଆତ୍ମ ସୁରକ୍ଷା ଜ୍ଞାନଲୋଡ଼ିବେ ଶିକ୍ଷାଦାନ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ତଥା ଅଧ୍ୟାପିକା ଡ.କଳାଖଣ୍ଡି ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଡ଼ିପ୍ରୋନେଟ ରାଜିକା ନିଜର ମନ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ପିରାମିଡ ମାରଣ୍ଡେଶ୍ୱରର ଏସ୍. ମାଧୁରୀ ଦିକ୍ଷିତ ଏବଂ ପ୍ରିୟା ଶର୍ମା ବିଭିନ୍ନ ଜୌଶଳ ଓ ପଦ୍ଧତି ତାଲିମ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

ଶ୍ରୀ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଭଦ୍ରକ, ୧୪/୩ (ଆ.ପ୍ର) : ଚିତ୍ରିତି ବ୍ଲକର କୁବେରା ଗ୍ରାମ ପଂଚାୟତ ଅଧିନସ୍ଥ ବେଷ୍ଟକ ସାହି ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ହେବାକୁ ଥିବା ପାଂଚ ଦିନ ବ୍ୟାପି ଆଧ୍ୟାତ୍ମିକ ମହୋତ୍ସବ ଗତକାଲି ସମାପିତ ହୋଇଯାଇଛି କ୍ଷପ୍ତମୀ ଦିବସରେ ବିଧି ଅନୁଯାୟୀ ଅଙ୍କୁରାରୋପଣ ତଥା ଯଜ୍ଞ କାର୍ଯ୍ୟ ନିମନ୍ତେ ସକାଳ ୯ ଟା ରେ ମନ୍ଦିରରୁ ଶଙ୍ଖ ଦୁନ୍ଦୁଭି, ମୃଦଙ୍ଗ କୀର୍ତ୍ତନ ସହ ବାଣ ରୋଷଣୀ ଓ ବ୍ୟାଣ୍ଡ ପାର୍ଟିର ବ୍ୟବସ୍ଥା ସହିତ ମହିଳା ମାନେ କଳସ ଶୋଭାଯାତ୍ରା ରେ ଅଂଶ ଗ୍ରହଣ କରି ପାର୍ଶ୍ୱବର୍ତ୍ତୀ ଗ୍ରାମ ପରିକ୍ରମା ମଧ୍ୟରେ ନିକଟସ୍ଥ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଜିଉ ମହାପ୍ରଭୁଙ୍କ ଦର୍ଶନ ସାରି ଯଥା ସମୟରେ ଯଜ୍ଞପାଠ ରେ ପହଂଚିବା ପରେ ଯଜ୍ଞର ପ୍ରଥମ ଦିବସୀୟ କାର୍ଯ୍ୟମାନ ବ୍ରହ୍ମଣ ମାନଙ୍କ ମନ୍ତ୍ର ଧ୍ୱନି ରେ ଆରମ୍ଭ ହୋଇ ଥିଲା । ଦ୍ୱିତୀୟ ଦିବସରେ ମନ୍ଦିରସ୍ଥାନ, ଚଣ୍ଡୀ ସ୍ଥାପନ, ଆସ୍ଥାନ ପୂଜା-ହୋମ ଓ ଗର୍ଭଗୃହେ ଜଳନାଡି କାର୍ଯ୍ୟମାନ କରାଯାଇ ଗତକାଲି ଉଦଯାପନୀ ଦିବସରେ ମହାପ୍ରଭୁଙ୍କ ଦ୍ୱିତୁର ସ୍ଥାପନ ଓ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଛି ଏଥିସହିତ ଯଜ୍ଞର ବ୍ୟବସ୍ଥା କରାଯାଇ ଅଛି । ପ୍ରଫେସର କିଶୋର ଚନ୍ଦ୍ର ରାୟ ଓ ପ୍ରାଧ୍ୟାପିକା

ମାଧବୀଲତା ରାୟ ଯଜ୍ଞରେ ସଂକଳ୍ପ କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ବିଶିଷ୍ଟ ସାମାଜିକ କର୍ମୀ ସୁରେନ୍ଦ୍ର ମୋହନ ରାୟ, ପ୍ରବନ୍ତ କୁମାର ରାୟ, ପିତାମ୍ବର ରାୟ, ସତ୍ୟନାରାୟଣ ରାୟ ପରିଚାଳନା କମିଟିର ମୁଖ୍ୟ ବୟୋଜ୍ୟେଷ୍ଠା ଭକ୍ତିପ୍ରାଣା ମଣିକା ସରସ୍ୱତୀ ଦାଶ, ଆଦର୍ଶ ଦାଶ, ପ୍ରକାଶ ଦାସ, ଗାତାଞ୍ଜଳି ପଣ୍ଡା, ମନୋଜ ପଣ୍ଡା, ବିକାଶ ଦାସ, ରମେଶ ଦାସ,ପ୍ରବୀର ଦାସ,ବାଲାଜୀ ବିଶ୍ୱନାଥ ବାରିକ, ବାଣୀକରାଣ୍ଡ ବାରିକ, ନବୀୟା ଚାନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ତାଲୁକ ଆଇନ ସହାୟତା କମିଟି, ତାଳଚେର ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬ ଅନୁଷ୍ଠିତ

ତାଳଚେର, ୧୪/୩ (ଆ.ପ୍ର) : ତାଲୁକ ଆଇନ ସହାୟତା କମିଟି, ତାଳଚେର ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ୩୨୦ ଟି ପ୍ଲାକ ମୋକଦମା ଜନିତ ବ୍ୟାଙ୍କ ସମ୍ପର୍କିତ ମାମଲା ୧ ଲକ୍ଷ ୭୪ ହଜାର ୧୫୯ ଟଙ୍କାରେ, ୨୨୬ ଟି ଗାଳସ୍ତ୍ର ମାମଲା ୧୭ ହଜାର ୭୬୩ ଟଙ୍କାରେ, ୩୩ ଟି ଟ୍ରାଫିକ ଚାଲାଣ ମାମଲା ୮୮ ହଜାର ୫୦୦ ଟଙ୍କାରେ, TPCODL ର ୦୪ ଟି ମାମଲା ୧ ଲକ୍ଷ ୩୩ ହଜାର ୮୭୬ ଟଙ୍କାରେ ଫରସଲା କରାଯାଇଥିଲା । ସେହିପରି ୨୬୬ ଟି ବିବାଦଧିନ ମାମଲାର ଫରସଲା କରାଯାଇଥିଲା । ସେଥିମଧ୍ୟରୁ ସତ୍ୟନାରାୟଣ କଳ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ, ତାଳଚେରଙ୍କ ଅଦାଲତ ୨୪ ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ଫରସଲା କରି ୧ କୋଟି ୧୨ ଲକ୍ଷ ୯୦ ହଜାର ଟଙ୍କାର କ୍ଷତି ପୂରଣ ପ୍ରଦାନ କରିଥିଲେ ତଦ୍ ସହିତ ୫ ଟି ଦେଓ୍ୱାନୀ, ୦୩ ଟି

ଫୌଜଦାରୀ ଅପିଲ, ୫ ଫୌଜଦାରୀ ରିଭିଜନ, ୧୧ ସେସନ କେସ ସମାଧାନ କରିଥିଲେ । ସେହିଭଳି ତାଳଚେରର ଅନ୍ୟ ଅଦାଲତ ଗୁଡିକ ଅଂଶ ଗ୍ରହଣ କରି ୦୪ ଟି ଚେକ ବାଉଁଶ ମାମଲାର ବିଚାର କରି ୦୪ ଲକ୍ଷ ୮୭ହଜାର ୭୨୦ ଟଙ୍କାର ଟଙ୍କାରେ ସମାଧାନ କରିଥିଲେ । ଏପରି ବ୍ୟତିତ ୧୩ ଟି ଦେଓ୍ୱାନୀ ମାମଲାର ସମାଧାନ କରାଯାଇ ଥିଲା । ୦୯ ଟି ବିଚାରଧିନ ବ୍ୟାଙ୍କ ସମ୍ପର୍କିତ ମାମଲା, ୦୭ଟି ପାରିବାରିକ (ଛାଡପତ୍ର ବ୍ୟତିତ) ମାମଲା ଓ ୧୫୬ ଟି ଫୌଜଦାରୀସମ୍ପର୍କିତ ମାମଲା, ୦୩ଟି ଟ୍ରାଫିକ ଚାଲାଣ ମାମଲା ଫରସଲା କରା ଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର ରେ ଥିବା ସମସ୍ତ ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ, TPCODL, ଆର.ଟି.ଓ. ଅଫିସ ଓ ବି.ଏସ.ଏନ.ଏଲ କାର୍ଯ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ତାଲୁକ ଆଇନ ସହାୟତା କମିଟି, ତାଳଚେରର ଅଧକ୍ଷ ଶ୍

ଶ୍ରମଜୀବୀ
ଆରମ୍ଭ
SEITHO ARAMBHA
ରବିବାର, ୧୫ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ପାଇଁ ଗଣତାନ୍ତ୍ରିକ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା : ଜିଲ୍ଲା କ୍ରିୟାନୁଷ୍ଠାନ କମିଟି

ବାଲେଶ୍ୱର, ୧୪/୦୩ (ଆ.ପ୍ର) : ଜିଲ୍ଲାବାସୀଙ୍କୁ ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସମସ୍ତ ଆବେଦନ ନିବେଦନ ବ୍ୟର୍ଥ ହେବା ପରେ ଗଣଦାବିର ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାସ୍ତରୀୟ ସାଂଗଠନିକ ସଭାରେ ବକ୍ତାମାନେ କହିଛନ୍ତି । ଶନିବାର ଦିନ ୯ଟାରେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରା ରେମୁଣା ହସପିଟାଲ ସମ୍ମୁଖରୁ ବାହାରି ବାଲେଶ୍ୱର ସହର ପରିକ୍ରମା କରିବାପରେ ବାଲେଶ୍ୱର ଷ୍ଟେସନ ଚୁକ ସଭାସ୍ଥଳରେ ପହଞ୍ଚିଥିଲା । ସେଠାରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପଟିଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ପ୍ରଦୀପ ଦାସ ୧୮ଦଫା ଦାବି ଓ ଦାବି ପୂରଣ ପାଇଁ ସମ୍ବାଦବ୍ୟାପୀ ଗଣଧାରଣା, ଏବଂ ବାଲେଶ୍ୱରର ବହୁ ସାମାଜିକ ଓ ଗଣ ସଂଗଠନମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ବାଲେଶ୍ୱର ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବା ଉନ୍ନତି ପରିବର୍ତ୍ତେ ଦିନକୁ ଦିନ ଅବନତି ହୋଇଚାଲିଛି । ତେଣୁ ଆଗାମୀ ଦିନର କାର୍ଯ୍ୟପନ୍ଥାର ନିଷ୍ପତ୍ତି ପାଇଁ ଏହି ବୈଠକ ଆହ୍ୱାନ କରାଯାଇଥିବାର ଶ୍ରୀ ଦାସ କହିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ଜମକ ଉତ୍ତର ଦେବା ପାଇଁ ଉପସ୍ଥିତ ଦାବି ଉପସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ଅବିନାଶ ପଣ୍ଡା, ହୃଦରୋଗ ବିଶେଷଜ୍ଞ ଡାକ୍ତର ବିଜୁମ ଜେଶରୀ ମହାପାତ୍ର, ପେଟରୋଗ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମହାନ୍ତି ଉପସ୍ଥିତ ରହି ରୋଗୀଙ୍କୁ ମାଗଣାରେ ସେବା ଯୋଗାଇଛନ୍ତି । ଉକ୍ତ ଶିବିରରେ ପାଖାପାଖି ୨ଶହରୁ ଅଧିକ ଲୋକ ନିଜନିଜର ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ । ଶିବିରକୁ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିବା ଦେଖାଯାଇଥିଲା ।

ଉପସ୍ଥିତ ରହି ସାମାଜିକ ଓ ଗଣ ସଂଗଠନମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ବାଲେଶ୍ୱର ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବା ଉନ୍ନତି ପରିବର୍ତ୍ତେ ଦିନକୁ ଦିନ ଅବନତି ହୋଇଚାଲିଛି । ତେଣୁ ଆଗାମୀ ଦିନର କାର୍ଯ୍ୟପନ୍ଥାର ନିଷ୍ପତ୍ତି ପାଇଁ ଏହି ବୈଠକ ଆହ୍ୱାନ କରାଯାଇଥିବାର ଶ୍ରୀ ଦାସ କହିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ଜମକ ଉତ୍ତର ଦେବା, ଉମାକାନ୍ତ ଦାସ, ଅନ୍ନପୂର୍ଣ୍ଣାମୀ ପ୍ରଧାନ, ତରୁଣ ଦାସ, କହ୍ନେଇ ବେହେରା, ବିଧାନ ଗାୟ, ତୁଷାର ମହାପାତ୍ର, ବାମଦେବ ନାୟକ, ଭାରତୀ ପଣ୍ଡା, ଶାଳିନି ମିଶ୍ର, ମହେଶ୍ୱର ବେହେରା, ଗୋବିନ୍ଦ ଚନ୍ଦ୍ର ଭୋଲ, ଦୁର୍ଯ୍ୟୁମ୍ନ ଦାସ, ଡ. କ୍ଷିତୀଶ୍ୱର ଦାସ, ବିଶ୍ୱାସ ଗିରି, ଅୟସ ମିଶ୍ର ଓ ପ୍ରମେଶ୍ୱର ଶତୁଗ୍ରୁ ମଲ୍ଲିକ ପ୍ରମୁଖ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ଦୁରାବସ୍ଥାର ପ୍ରତ୍ୟକ୍ଷ ବିବରଣୀ ପ୍ରଦାନ କରି ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ପଦବୀ ପୂରଣ, ଏମ୍ସ ସାଟେଲାଇଟ୍ ସେବା ଓ ରୋଗ, ସ୍ୱାସ୍ଥ୍ୟରୋଗର ବିଭାଗ ଖୋଲିବା, ଜାତୀୟ ଜାତୀୟ ଜାତୀୟ

ସମ୍ବାଦକ
ଆରମ୍ଭ
SEITHO ARAMBHA
ରବିବାର, ୧୫ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆଦର୍ଶର ସଂଜ୍ଞା

ଆଧୁନିକ ଯୁଗରେ ପିତା ମାତାଙ୍କ ନିଜଗରେ ଆଦର୍ଶର ସଂଜ୍ଞା ମଧ୍ୟ ପରିବର୍ତ୍ତନ ହୋଇଯାଇଛି । ଅଧିକାଂଶ ଅଭିଭାବକ ଭାବୁଛନ୍ତି ତାଙ୍କର ସନ୍ତାନ ଭଲଶିକ୍ଷା ଲାଭକରି, ଭଲ ବେତନ ପାଇ, ପାଶ୍ଚାତ୍ୟ ଶୈଳୀରେ ଜୀବନ ନିର୍ବାହ କରିଲେ ସେ ଆଦର୍ଶରେ ଗଢ଼ୟ । ସମାଜରେ ଏହି ଶ୍ରେଣୀୟ ଆଦର୍ଶ ବ୍ୟକ୍ତିତ୍ୱ ମାନେ ସେମାନଙ୍କର ଅଙ୍ଗକାରୀ ଏବଂ ସ୍ୱାର୍ଥପର ମନୋଭାବକୁ ସାଧାରଣ ଲୋକଙ୍କ ଶ୍ରଦ୍ଧା ଭାଜନ ହୋଇ ପାରନ୍ତି ନାହିଁ । ପିତା ମାତା ମାନେ ମଧ୍ୟ ଏହି ଆଦର୍ଶ ସନ୍ତାନମାନଙ୍କର, ସେମାନଙ୍କ ପ୍ରତି ପ୍ରବର୍ତ୍ତିତ ହେୟ ଆଚରଣରେ ଅସହାୟ । ଚୋଲ ମାଆ ବୁସି ବୁସି କାନ୍ଦିବା ଅବସ୍ଥା । ସୁବର୍ଣ୍ଣ ନିର୍ମିତ ପକ୍ଷୀଟିକୁ ସୁନା ଫଂଜୁରାରେ ରଖିଦେଲେ, ତାହା କେବଳ ଦର୍ଶନ ସୁଖ ପ୍ରଦାନ କରିପାରେ, ମାତୃ ଚାର ସ୍ତନ୍ୟଧୁର କାକଳୀ କେବେହେଁ ଆମ କର୍ଣ୍ଣ ଗୋଚର ହେବ ନାହିଁ । ତେଣୁ ପ୍ରକୃତ ପକ୍ଷରେ ଜଣେ ନମ୍ର, ଉଦାର, ନିସ୍ୱାର୍ଥପର, ଏବଂ ସର୍ବୋପରି ଆଧ୍ୟାତ୍ମିକ ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ସମାଜରେ ଆଦର୍ଶ ବ୍ୟକ୍ତି ରୂପେ ପରିଗଣିତ । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା ଏବଂ ଆତ୍ମ କେନ୍ଦ୍ରିକ ମାନସିକତା, ଏହି ଆଦର୍ଶ ପଥର ପଥିକ ହେବାପାଇଁ ଅନେକାଂଶରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ନବଜାତକ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଗୋଟିଏ ପିଲାକୁ ଆଦର୍ଶ ରୂପେ ଗଢିବା ଅତ୍ୟନ୍ତ କଷ୍ଟସାଧ୍ୟ ଲାର୍ଯ୍ୟ କିମ୍ବୁ ସଂପୂର୍ଣ୍ଣ ଅସମ୍ଭବ ନୁହେଁ । ସର୍ବାନ୍ତେ ମାତା ମାନଙ୍କର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁ ମନସ୍ତତ୍ତ୍ୱବିତ୍ ମାନଙ୍କ ମତରେ, ଧର୍ମକର୍ମପୂର୍ଣ୍ଣ ଶାସନ ଅପେକ୍ଷା ଶ୍ରଦ୍ଧାଜଡିତ ଶାସନ ପିଲାଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବା ପାଇଁ ଅଧିକ ଶକ୍ତିଶାଳୀ ମାର୍ଗ, ଯାହାକି ମାଆ ମାନଙ୍କର ଈଶ୍ୱର ଦତ ଗୁଣ । କିମ୍ବୁ ମାଆ ମାନେ କେତେ ପରିମାଣରେ ଶ୍ରଦ୍ଧା କରିବା ଉଚିତ୍ ତାହାର ମଧ୍ୟ ସୀମାରେଖା ନିର୍ଦ୍ଦେଶ । ନବେଦ୍ ଅବଶ୍ୟମ୍ଭାବୀ ଶ୍ରଦ୍ଧା ପିଲାଙ୍କୁ ଏକଜିଦ୍ଦିଆରେ ପରିଣତ କରାଇବା ଅସମ୍ଭବ ନୁହେଁ । ଅନେକ ମାଆଙ୍କର ଗୋଟିଏ ସାଧାରଣ ଅଭିଯୋଗ, ଆମ ପିଲା ବୁଦ୍ଧ, ଆଜ ଅମାନିଆ । କିନ୍ତୁ ଏ ଗୁଣ ଗୁଡିକତ ପିଲାଙ୍କର ସହଜାତ । ସେମାନଙ୍କର ବୁଦ୍ଧିମାନ୍ତ୍ରୁ ଶିକ୍ଷା ପ୍ରଦାନ, ଜିବନ୍ତ ସତ୍ ମାର୍ଗରେ ପରିଚାଳନା ଏବଂ ଅମାନିଆଙ୍କୁ ମନେରଖାର କୌଶଳ ମାଆ ମାନଙ୍କର ବକ୍ତବ୍ୟ ଉପରେ ନିର୍ଭର କରେ । ଇତିହାସ କହେ ବହୁ ମହାମାନବଙ୍କ ସଫଳତାର ପଛାର୍ ଲାଗରେ ସେମାନଙ୍କ ମାତା ମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ମାଆ ସନ୍ତାନ ମାନଙ୍କୁ ଆଦର୍ଶ ରୂପେ ଗଢିବା ପାଇଁ ଆବଶ୍ୟକୀୟ ବୈଜ୍ଞାନିକ କୌଶଳ ସମ୍ବନ୍ଧରେ ଅଜ୍ଞ । ସର୍ବପ୍ରଥମେ ଏଥିପାଇଁ ମାଆ ମାନଙ୍କର ଅସୀମ ଧୈର୍ଯ୍ୟ ଦରକାର ଏବଂ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦକୁ ଜିଯଉଁଶରେ ତ୍ୟାଗ କରିବା ଦରକାର । ତପଳକତି ଶିଶୁର ବିଶିଷ୍ଟ ମାନସିକତାକୁ ଆୟତ୍ତ କରିବା ନିମନ୍ତେ ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ ଏକାନ୍ତ ଆବଶ୍ୟକ, ଯାହାକି ଅସୀମ ଧୈର୍ଯ୍ୟ ବିନା ସମ୍ଭବ ନୁହେଁ । ମାଆମାନେ ନିଜର ମନୋରଂଜନ ପାଇଁ ଟିଭି ମୋବାଇଲ୍ ର ବ୍ୟବହାର, ରନ୍ଧନ କାର୍ଯ୍ୟରେ ଅତ୍ୟଧିକ ସମୟ ଦିନିଯୋଗ ତଥା ପଡୋଶୀ ମାନଙ୍କ ସହିତ ଅବଚାକୀରା ଗଳ୍ପରୁ ନିବୃତ ହାହି, ସର୍ବଦା ସେମାନଙ୍କର ଶିଶୁ ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ । ବିଷୟରେ ଶିକ୍ଷା ସାଙ୍ଗରେ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗୀରୀ ଭାବେ ଜରିତ । ମନ ଏବଂ ଶରୀର ସ୍ତ୍ରୁସ୍ଥ ରହିଲେ ଗୋଟିଏ ଶିଶୁ ବିଷୟରେ ଶିକ୍ଷାରେ ସଫଳତା ପାଇ ପାରିବ । ତେଣୁ ମାନସିକ ସୁସ୍ଥତା ପାଇଁ, ଆବଶ୍ୟକ ନୈତିକ ଶିକ୍ଷାର, ପ୍ରାଥମିକ ଶିକ୍ଷକ ହେଲେ ମାଆ । ନମ୍ରତା, ଶାଳୀନତା, ଗୁରୁଜନମାନଙ୍କୁସମ୍ମାନ ପ୍ରଦର୍ଶନ, ସମାଜମୁଖୀତା, ଆତ୍ମନିର୍ଭରଶୀଳତା ପରି ନୈତିକ ଶିକ୍ଷା, ମାଆ ମାନେ କେବଳ ଉପଦେଶ ମାଧ୍ୟମରେ ନୁହେଁ, ନିଜେ ପାଳନ କରି ପିଲା ମାନଙ୍କୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟିତ ହେବା ଉଚିତ୍ । ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ । କହୁଥିବା କାର୍ଯ୍ୟ ଅପେକ୍ଷା କରୁଥିବା କାର୍ଯ୍ୟ ସେମାନଙ୍କୁ ଅଧିକ ପ୍ରଭାବିତ କରିଥାଏ । ପିଲା ମାନଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ କରାଇବା ପାଇଁ ପ୍ରାର୍ଥନା ଏବଂ ପ୍ରଣାମ ପରି ଦୁଇଟୋଟି କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ଉଚିତ୍ । ମାଆ ମାନେ ପିଲା ମାନଙ୍କର ଭଗବତ୍ ସତା, ତଥା ଛୋଟ ଛୋଟ ଶିକ୍ଷଣୀୟ ସୌରାଣିକ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରାଇବା ଉଚିତ୍ । ନିଜେ ଠାକୁର ଘରେ ପ୍ରାର୍ଥନା କରିବା ସମୟରେ ପିଲା ମାନଙ୍କୁ ଅଭ୍ୟସ୍ତ କରାଇବା ଆବଶ୍ୟକ ।

ଓଡ଼ିଶାର ଯୁବଶକ୍ତିଙ୍କ ସମ୍ଭାବନା ଓ ଆଶାର ଦିଗ୍‌ଦର୍ଶନ

॥ ମନସିଜ୍ ଦାସ ॥

ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନ ଅନେକ । ଏଠି ସାଧନ ଅଛି, ସମ୍ଭାବନା ବି ରହିଛି । ଏଠାରେ ଭଲପୁର ଜିନିଭୂମି ରହିଛି । ଶ୍ରମଶକ୍ତି ଅଛି, ଯୁବ ଶକ୍ତି ବି ରହିଛି । ହେଲେ ଉଡ଼ାଣରେ ଲକ୍ଷ୍ୟ କରିବା ପାଇଁ ଆବଶ୍ୟକ ଏକ ଉପଯୁକ୍ତ ଯୁବନୀତି । ଓଡ଼ଶାର ଯୁବପିଢ଼ିଙ୍କୁ ଭଲ୍ଲଶିର ଶିଖରରେ ପହଂଚାଇବାର ପାଇଁ ଉଦ୍ୟମ କରୁଛନ୍ତି । ହେଲେ ଏହା ଯଥେଷ୍ଟ ହେଉନାହିଁ । ନିସୁଲ୍ଲି ବଜାରରେ ପ୍ରାକାଶିତ କରିବା ଭଳି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ । ନବସୃଜନକୁ ପ୍ରୋତ୍ସାହନ ପାଇଁ ନୂଆ କିଛି କରିବାକୁ ପଡ଼ିବ । କାରଣ ଦକ୍ଷତାର ଉପଯୁକ୍ତ ବିନିଯୋଗ ନ ହେଲେ ଯୁବପିଢ଼ି ବିପଥଗାମୀ ହେବେ କିମ୍ବା ହତୋତ୍ସାହିତ ହୋଇ ନିଜକୁ ହିଁ ଶେଷ କରିଦେବେ । ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଓଡ଼ିଶାର ମାଟିତଳେ ଖଣିଜ ସଂପଦ ଭରି ରହିଥିବାବେଳେ ମାଟି ଉପରେ ଅନେକ ନବନଦୀ ରହିଛି । ଏହାଛଡ଼ା ବିସ୍ତୀର୍ଣ୍ଣ ବେଳାଭୂମିକୁ ନେଇ ସମୁଦ୍ରିକ ସମ୍ଭାବନା ରହିଛି । ରାଜ୍ୟର ଖଣିଜ ସଂପଦକୁ ଭିତି କରି ଝାଜପୁର ଜିଲ୍ଲାର କଳିଙ୍ଗନଗରରେ ଅନେକ ବୃହତ୍ ଶିଳ୍ପ, ଲାଉଜେନାରେ ଲୁକାର କାରଖାନା, କୋଚାପୁରର ବାମନଯୋଡ଼ି ଠାରୁ ଆରମ୍ଭ କରି ଅନୁରୂଳ, ଝାରସୁଗୁଡ଼ାରେ ଅନେକ ଶିଳ୍ପ ଗଢ଼ି ଉଠିଛି । ଆଉକୁ ମଧ୍ୟ କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବୃହତ ଶିଳ୍ପ ମୁଣ୍ଡ ଟେକିବାର ସମ୍ଭାବନା ରହିଛି । ଓଡ଼ିଶାର ଯୁବକମାନେ ମୁଖ୍ୟତଃ ଶିକ୍ଷା, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗ ଉପରେ ଧ୍ୟାନ ଦେଉଛନ୍ତି । ଏହି ସମୟରେ ସେମାନେ ମାନସିକ ସ୍ୱାସ୍ଥ୍ୟ ସମ୍ପଦ୍ ଏବଂ ସାମାଜିକ ରାମମାଧ୍ୟମର ପ୍ରଭାବ ଉଜି ବ୍ୟାଲେଞ୍ଜ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି । ସ୍ଥିର ଓ ଗୁଣାତ୍ମକ ଚାଳିରି ପାଇବା ଏକ ପ୍ରାଥମିକ ଚିନ୍ତାଧାରା ।

ଓଡ଼ିଶା ଅନେକ ସଫଳ ଯୁବ ଉଦ୍ୟୋଗୀ ସୃଷ୍ଟି କରିପାରିଛି । ଯେମିତି କି 'ଅୟୋ'ର ପ୍ରତିଷ୍ଠାତା ଗାୟତ୍ରୀପ୍ରିୟ ରିଚେଶ ଅଗ୍ରୱାଲ କମ ବୟସରେ ଘୋଡେ ବ୍ୟବସାୟ ଆରମ୍ଭ କରି ଦେଶରେ ଚର୍ଚ୍ଚିତ ହୋଇପାରିଛନ୍ତି । ସେହିପରି ବୁଦ୍ଧ ପ୍ରତିକ୍ରିୟାଜଣକ ସଂସ୍ଥା ମିଳକ ମନ୍ତ୍ରର ପ୍ରତିଷ୍ଠାତା ଶ୍ରୀକୃମାର ମିଶ୍ର ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲା ଗୋବିନ୍ଦପୁରର ରାମଜିତ୍ ଟୁଡୁ ସାକ୍ଷାତ୍ ଗାଣ୍ଡାର ଅଳଟିରି ଲିପିକୁ ଡିଜିଟାଇଜେସନ କରି ଅନେକଙ୍କ ପାଇଁ ଜିରୋ ପାଲଟି ଯାଇଛନ୍ତି । ଜୋଡାପୁଟ ଜିଲ୍ଲା ବୈପାରିଗୁଡ଼ାର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ବେଶ ଧାନ ଦିଅନ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆମେରିକାର ସାନ୍‌ଫ୍ରାନସିସ୍‌କୋସ୍ଥିତ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଆକ୍ରନ ଫର ନେଚର ପକ୍ଷରୁ ଅଗ୍ରଣ୍ଣ ମାଧ୍ୟରେ ସ୍ଥାନ ଭଳେ ହିରୋ ପୁରସ୍କାର ପାଇଛନ୍ତି । ଏକମାତ୍ର ଜିଲ୍ଲା ପାରକାଖେମୁଣ୍ଡିର ପ୍ରତିମେଧା ପାଣ୍ଡିଗ୍ରାହୀ ଅଣୁଅସ୍ତ୍ର ନିରସ୍ତୀକରଣ ଅଭିଯାନରେ ଜାତିସଂଘ ଯୁବଗୋଷ୍ଠୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଓଡ଼ିଶା ଯୁବ ନବସୃଜନ ପାଣ୍ଠି ଯୋଜନା ଏବଂ ନାଜୋ ଯୁନିକର୍ଣ୍ଣ ଯୋଜନା ନବସୃଜନଶୀଳ ଚିନ୍ତାଧାରାକୁ ବ୍ୟବସାୟରେ ପରିଣତ କରିବା ପାଇଁ ପାଣ୍ଠି, ପରାମର୍ଶ ପ୍ରଦାନ କରୁଛି । ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ ଓଡ଼ିଶା ପଦକ୍ଷେପ ମାଧ୍ୟମରେ ସାହାଯ୍ୟକ ପରିବେଶ ପ୍ରତିଷ୍ଠା କରିଛନ୍ତି ।

ରାଜନୀତି ପ୍ରତିଶ୍ରୁତିପୂର୍ଣ୍ଣ ହୋଇଥିଲେ ମଧ୍ୟ, ଅନେକ ବ୍ୟାଲେଞ୍ଜ ରହିଛି । ରାଜ୍ୟରେ ଏକ ବୃହତ୍ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୬୯% ସହିତ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି । ତେଣୁ ସାମାଜିକ ଓ ଅର୍ଥିକ ପରିବର୍ତ୍ତନ ପାଇଁ ଏହାର ଯୁବଶକ୍ତିକୁ ବ୍ୟବହାର କରିବାକୁ ଓଡ଼ିଶା ଭଲ ସ୍ଥିତିରେ ଅଛି । ଏହି ସମ୍ଭାବନାକୁ ସାକାର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ବିଜାନ ଯୁବ ଜନସଂଖ୍ୟା ରାଜ୍ୟ ଜନସଂଖ୍ୟାର ୪୦%ରୁ ଅଧିକଙ୍କ ସାମୂହିକ ଶକ୍ତି ଓ ସମ୍ଭାବନାକୁ ଅବୁଝା ବୋଲି ବିବେଚନା କରାଯାଏ । ରାଜରେର ମୋଟ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ୩୫ ବର୍ଷରୁ କମ ବୟସର । ଏଥିପାଇଁ ବିଶ୍ୱର ସବୁଠାରୁ ଯୁବ ଶ୍ରମଶକ୍ତି ମଧ୍ୟରେ ରାଜରେ ସ୍ଥାନ ପାଇଛି । ଏହି ଯୁବଶକ୍ତି ଦେଶର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ହୋଇପାରେ । ଏଥିପାଇଁ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରାଯିବା ଆବଶ୍ୟକ । ତେବେ ଯୁବ ଶ୍ରମଶକ୍ତିର ସଦବ୍ୟବହାର କରାନଗଲେ ସାମାଜିକ ଅସ୍ଥିରତା ସୃଷ୍ଟି ହୋଇପାରେ । ଏକ ସର୍ବେ ଅନୁଯାୟୀ ୨୦୨୫ ଏପ୍ରିଲରେ ଦେଶର ସମ୍ପତ୍ତ କେବାରି ହାର ୫.୧ ପ୍ରତିଶତ ରହିଥିଲା । ସେହିପରି ସହରାଂଚଳର ଯୁବକମାନେ ଶ୍ରମାଂଚଳ ଯୁବକଙ୍କ ତୁଳନାରେ କେବାରି ହେବାର ଆଶଙ୍କା ଅଧିକ । ରାଜରେ ସହରରେ ଭଲ ଆଶା, ଅଧିକ ପ୍ରତିଯୋଗିତା ଏବଂ ଜୀବନଯାପନ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ ।

ଦକ୍ଷତା ବିକାଶ, ଉଦ୍ୟୋଗ ଓ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ଦ୍ୱାରା ଯୁବ ସମାଜର ଭବିଷ୍ୟତକୁ ଏକ ସୁବର୍ଣ୍ଣ ଯୁଗ ଭାବରେ ଲକ୍ଷ୍ୟ କରାଯାଇଛି । ରାଜ୍ୟ ସରକାର ଏହାର ଯୁବ ଜନସଂଖ୍ୟାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଆଇଟି, କୃଷି ଓ ଉତ୍ପାଦନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ରାଜ୍ୟ ସରକାର ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଇ-ଲାର୍ନିଂ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ସମାନ୍ତିତ କରିବା ପାଇଁ ନୂଆ ଓଡ଼ିଶା ଏବଂ ସ୍କିଲ ଜିନନ-୨୦୩୦ ଭଳି ପଦକ୍ଷେପ ନେଇଛନ୍ତି । ନିସୁଲ୍ଲି କ୍ଷମତା ବୃଦ୍ଧି କରିବା ପାଇଁ ଗାଣିଜ୍ୟ, କୃଷିମ ବୃଦ୍ଧିମତା ଶିକ୍ଷା ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ସହଭାଗୀତା ଉପରେ ଧ୍ୟାନ ଦିଆଯାଇଛି । ଗ୍ରାମୀଣ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯାଉଛି । ଗାଳିରି ବଜାରରେ ଯୁବପିଢ଼ିଙ୍କ ଚାହାଣୀ ବଢ଼ ସମସ୍ୟା ଭାବେ ଉଭା ହୋଇଛି । ବଣ୍ଡତାର ଅସମାନତା ଏବଂ ଅର୍ଥିକ ଗାପର ଚର୍ଚ୍ଚନ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷିତଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବାର ସହ ସାମାଜିକ ସ୍ଥିରତା ଉପରେ କାଳାତ୍ମକ ପ୍ରଭାବ ପଡୁଛି । ନିସୁଲ୍ଲି ପରୀକ୍ଷାରେ ଅନିୟମିତତା ମଧ୍ୟ ଯୁବପିଢ଼ିଙ୍କୁ ହତାଶ କରୁଛି ।

ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତିବାଚାର ପ୍ରକୃତ ବାହିଦା ମଧ୍ୟରେ ପ୍ରାୟତଃ ବ୍ୟବଧାନ ରହିଥାଏ । ପାଠ୍ୟକ୍ରମ ପ୍ରାୟତଃ ଅତ୍ୟନ୍ତ ଗତିଶୀଳ ହୋଇଥାଏ । ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଯଥା କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଯୋଗୁ ସମ୍ବନ୍ଧ ସହିତ ତାଳ ଦେଇ ନପାରି ଡିଗ୍ରୀଧାରୀମାନେ ଉପଯୁକ୍ତ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି । ଏହା ସହ ଆର୍ଥିକ ମାନ୍ଦାବସ୍ଥା, ନିସୁଲ୍ଲି କ୍ଷେତ୍ରରେ ଅଗିବୃଦ୍ଧିର ଅଭାବ କାରଣରୁ ପର୍ଯ୍ୟାପ୍ତ ଗୁଣାତ୍ମକ ଚାକିରି ମିଳୁଛି । ଯୋଗ୍ୟତା ଅନୁସାରେ ଚାକିରି ମିଳୁ ନଥିବାରୁ ବାଧ୍ୟ ହୋଇ କମ ବେତନରେ କାମ କରୁଛନ୍ତି । ବାର୍ଦ୍ଧକ୍ୟଜନକ ବେକାରି ଅଶିକ୍ଷାରୁ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଅବସାଦ ଗାପ ବଢ଼ିଥାଏ । ଦକ୍ଷ ଯୁବପିଢ଼ି କର୍ମକ୍ଷମ୍ପାନ ଅନ୍ୱେଷଣରେ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ଅଛି । ତାହିଦା ଅନୁଯାୟୀ ଶ୍ରମ ଓ ଦକ୍ଷତାର ଯୋଗାଣ ଏବଂ ଚାହିଦା ମଧ୍ୟରେ ବ୍ୟବଧାନ ଦୂରକରିବା ପାଇଁ ଆବଶ୍ୟକ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଳ୍ପନୁଷ୍ଠାନ ଓ ନିସୁଲ୍ଲିଦାତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାର ଆବଶ୍ୟକତା ସହିତ ପାଠ୍ୟକ୍ରମକୁ ସଜାଡ଼ିବାକୁ ପଡ଼ିବ । ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପାଣ୍ଠି, ପରାମର୍ଶ ଓ ସହାୟତାର ଆବଶ୍ୟକତା ରହିଛି । ଏଥିସହ ଯୁବପିଢ଼ିଙ୍କୁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ ।

ବ୍ୟବସାୟ ଗଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

ଡୋପାମାଇନ୍ ଡିଟକ୍ସ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ । ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ । ଖାଇବା ସମୟରେ ମଧ୍ୟ ମୋବାଇଲରେ ଗିଳ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ । ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ୍ୟ ଏକ ଅଭ୍ୟାସରେ ପରିଣତ ହୋଇଛି । ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଂଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ । ତୁମେ ସାଲାରାବୃତ୍ତ ମନ୍ତବ୍ୟ ଦେଖି ଖୁସି ହୁଅ କିମ୍ବୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ । ଏହା ସବୁ ଡୋପାମିନ ଯୋଗୁଁ ହୁଏ । ଯେତେବେଳେ ତୁମେ ପୋଷ୍ଟିଆଲ ମିଡ଼ିଆରେ ମତାମତ ପାଅ ଏହି ସମ୍ବାଦ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ । ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ । ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି । ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ ।

ଆପଣ ନିରନ୍ତର ଭଲ ଡୋପାମାଇନ ଉତ୍ତେଜନାରେ ରୁହନ୍ତି । ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ । ଏହି ଲାଭଶୁଣ୍ଠ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି । ଏହା ଏକ ମ୍ୟୁଜୋଟ୍ରମ୍ପିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, ଚିରୋତ୍ସହ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ । ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ । କିନ୍ତୁ ସମସ୍ୟା ସେତେବେଳେ ଉତ୍ପନ୍ନ ହେଉଛେ ଯେତେବେଳେ ଏହି ଗାସାୟନିକ ପଦାର୍ଥ ବାଗାନ୍ଧାର ଅନିୟନ୍ତ୍ରିତ ଭାବରେ ଜମିବ ବାଧ୍ୟ ଭାବପାନାରୁ ମୁକ୍ତ ହୁଏ । ଏହା ଆପଣଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ କିନ୍ତୁ ଏହା ଧୀରେ ଧୀରେ ଆପଣଙ୍

ପ୍ରାୟୋଗିକ ସମୀକ୍ଷା – ୨୩

ଶୁଭସ୍ମିତା ତ୍ରିପାଠୀଙ୍କ କବିତା 'ଧାନଫୁଲ ଫୁଟାଉଥିବା ପୁଅ'

ଡକ୍ଟର ବିଶ୍ୱରଂଜନ ଦାସ

▸▸ କବିତା: 'ଧାନଫୁଲ ଫୁଟାଉଥିବା ପୁଅ'
▸▸ କବି: ଶୁଭସ୍ମିତା ତ୍ରିପାଠୀ
▸▸ ପ୍ରକାଶକ : 'ଲେଖନ୍ତେ ଓଡ଼ିଶା', ଫେବୃଆରୀ ୨୦୨୫

କବି ଶୁଭସ୍ମିତା ତ୍ରିପାଠୀ ସଂପ୍ରତିକ ଓଡ଼ିଆ କବିତା ଜଗତର ଜଣେ ପ୍ରତିଶ୍ରୁତିବାନ୍ଧୀ ନୂତନ୍ତାରା । ଏମିତିରି ତାଙ୍କ କବିତା ପୂର୍ବରୁ ପତ୍ରିକାର ସୁପ୍ରୋର ମିଳିଛି । ହେବେ, ଫେବୃଆରୀ ୨୦୨୫ 'ଲେଖନ୍ତେ ଓଡ଼ିଶା' ପତ୍ରିକାରେ ପ୍ରକାଶିତ ତାଙ୍କର 'ଧାନଫୁଲ ଫୁଟଉଥିବା ପୁଅ' କବିତାଟିର ଭାବଧର୍ମ ଓ ଶୈଳୀ ବହୁ ମାତ୍ରାରେ ଆକୃଷ୍ଟ କଲା । ଏହି କବିତାଟି ସଂପ୍ରତିକ ଓଡ଼ିଆ କବିତାର ଏକ ବେଦନାଦାୟକ ବାସ୍ତବ ଚିତ୍ର ବହନ କରେ । କବିତାଟି କେବଳ ଜଣେ ପୁଅର ବ୍ୟକ୍ତିଗତ ସଂଘର୍ଷର କାହାଣୀ 'ଧରୁଆ ମାଟି' ସାମାଜିକ ଗାଣ୍ଠିସ୍ତରୋଧାରୀ ଯୋଡ଼ାତ । 'ଧରୁଆ ମାଟି' ଏଠାରେ କେବଳ ବ୍ୟବହୃତ ଏକ ଅଳଙ୍କାର-ଗରିଷ୍ଠାମ ବିଶେଷ ନୁହେଁ, ବରଂ ପାରମ୍ପରିକ ସମ୍ପତ୍ତି ଓ ମାନମର୍ଯ୍ୟାଦାର ପ୍ରତୀକ । 'ବନ୍ଧୁପୁରୁଣି', 'ଧାନଫୁଲ', 'ବାର୍ଦ୍ଧକ୍ୟ ବର୍ଷ'- ଏହି ପ୍ରତୀକଗୁଡ଼ିକ କବିତାକୁ ଏକ ଭାଗ୍ୟାତ୍ମ ଆବେଗିକ ପରିବେଶ ପ୍ରଦାନ କରେ । ପୁଅଟି ଯେଉଁଦେଶକୁ ନିକଳ ବ୍ୟକ୍ତିଗତ କ୍ଷମତାପ୍ରଦ ପରିବେଶର ନିଖୁଣ-ମେମିଟି"ନ ଚାହିଦା ପାଖରେ ନମାଇ ଚାଲିଛି, ତା'ର ଅନ୍ତର୍ଦ୍ଦ୍ୟ ଅବ୍ଦେବନ୍ନ କବିତାର କମନୀୟ ଶବ୍ଦ ରୂପେ ଫୁଟିଉଠିଛି । ଅବ୍ଦାର୍ଣ୍ଣ ଶବ୍ଦରେଖ ପ୍ରଚାର ପାଠକଙ୍କୁ ବାଧ୍ୟ କରେ ପୁଅଟିର ଦୃଶ୍ୟ ପ୍ରତି ସମ୍ବେଦନଶୀଳ ହେବାକୁ । କବି 'ଜନ୍ମ ଆଜୁଥିବା ଶାନ୍ତିପ୍ରିୟ ଝିଅର ମୂର୍ତ୍ତି' ବିମ୍ବ 'ଶୂନ୍ୟ ଥାଳିରେ ମଣ୍ଡା ଜହର ଭାତ'- ପରି ମମସ୍ପର୍ଶ ଚିତ୍ରଣ ଜାନାଇ ଜାନକୁଡ଼ ଜବିନାର ପରିବେଶ୍ରକ ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ଏହେତୁ ଶୁଭସ୍ମିତାଙ୍କ 'ଧାନଫୁଲ' କେବଳ ଶୌର୍ଯ୍ୟ ନୁହେଁ, ବରଂ ମିଳନ୍ତା ସଂପର୍କର ପରିଚାରି । ଫୁଟଟି ମାଟି ଖୋଳି ଯେଉଁ ଧାନଫୁଲ ଫୁଟାଉଛି, ତାହା ତା'ର ବଂଶିବାଳ ଏକ ସମ୍ପତ୍ତି ସାଜାଇ । ଧାନଫୁଲ ଏଠାରେ ପ୍ରଚାରୀ ଜୀବନର ଚିତ୍ରପାଦ୍ୟ ପରି ପ୍ରତୀୟମାନ । ସେହିପରି କବି ଅନୁପାଳକ ପାଣ୍ଡିତ୍ତ୍ୟଙ୍କ 'ଗୋଟେ ଧାନ ପାଟି' କବିତାରେ ଗୋଟେ ଧାନର ଯେଉଁ ବ୍ୟାକ୍ତୁତ୍ତା ଅଛି, ତାହା ବିଶ୍ୱବ୍ୟକ୍ତ ଚେତନାର ପ୍ରତିଛବି ବହନ କରେ । ମାତ୍ର ଶୁଭସ୍ମିତାଙ୍କ କବିତାରେ ଯୋଡ଼ ଓ ଅଭାବ ଅଛି, କିନ୍ତୁ ସେଥିରେ 'ଶିଷ୍ଟିତ ବେଦାରା'ର ଏକ କରୁଣ ସ୍ୱର ମିଶିଛି । 'ଚମାକାନ୍ତରେ ସର୍ବଚିତ୍ରେକ୍ ବଦା ଘୋଳ ଜରିବା', 'ବାପାଙ୍କ ଜାକୁଥୁ ଅଣ୍ଟ' ଭଳାଦି ଶବ୍ଦାଳିକ ପ୍ରତିଭା ଓ ଅର୍ଥର ଅନନ୍ତତ୍ତ ମଧ୍ୟରେ ଥୁଆ ସଂପର୍କର ପରିଚାଏ । ସଂପ୍ରତିକ ଜୀବନ ଓଡ଼ିଆ କବିତାରେ ଯେଉଁମାନେ ଗ୍ରାମୀଣ ଜୀବନ ଓ ମଣିଷର ଦୁଃଖକୁ ଆତ୍ମସ୍ତ କରି ନେଇଛନ୍ତି, ସେମାନଙ୍କ ଧାରାରେ ଶୁଭସ୍ମିତା ଏକ ଝରେକ ସ୍ୱର । ତାଙ୍କର 'ଧାନଫୁଲ' ହେଉଛି ଆମ ପ୍ରାଚୀନ ସଂସ୍କୃତିର ପ୍ରତୀକ, ଯାହା ବିଜିନାର୍ଥ ଆଧୁନିକତାର ଜାଗରେ ପେଶି ହେଉଯାଉଥିବେ ବି ନିଜର ଅସ୍ତିତ୍ୱ ଦର୍ଶାଇଛି ।

ସଂପ୍ରତିକ କାଳର ସାହିତ୍ୟରେ 'ବାମାବାଦୀ' ସ୍ୱର ତୀବ୍ରତର । ହୁଏତ ଏହା ସମୟର ଏକ ଆବଶ୍ୟକତା ମୋଟାଘାଟ ! କିନ୍ତୁ କବିତା ଯେଉଁଦେବେଳେ ଚୌକିଶି ଶୋଚିବ ନିର୍ଦ୍ଦିଷ୍ଟ ବାଦର ସୀମାରେଖାକୁ ବାଘାରି ମାନବୀୟ ସମ୍ବେଦନାର ଉଚ୍ଚସ୍ତ ଛର୍ଣ୍ଣ କରେ, ସେଯେବେଳେ ତାହା ଅଧିକ ଜୀବନ୍ତ ହୁଏ । ଗ୍ରୋଲ କବିତାରେ ଯେଉଁ ସାମାଜିକ ମୂଲ୍ୟବୋଧର ଚିତ୍ରଣ ଘଟିଛି, ତାହା ଜିଜ୍ଞାସର ସୀମାର ଉର୍ଦ୍ଧ୍ୱରେ । ଜଗତୀକରଣର ଯୁଗରେ ଅନେକ ନାରୀବାଦି ନିଜର ବ୍ୟକ୍ତିଗତ ପରିଚୟ ଓ ନାରୀ ଅସ୍ତିତ୍ୱକୁ ଜଗତର ଦେଖିବାକୁ ଚାହିଁଛନ୍ତି । ଏହି ସମୟରେ ଜଣେ ବେଳାରୀ ପୁଅର ମାନବିକ ଗରଣକୁ ଏତେ ନିଖୁଣ ଭାବେ ଚିତ୍ରଣ କରିବା, ପ୍ରଶଂସନୀୟ ବୋଲି ମନେ ହେଉ ଯେ ମଣିଷର ଦୁଃଖକୁ ଲିଙ୍ଗର ଆଖିରେ ନଦେଖି ମାନବିକତା ଦୃଷ୍ଟିକୋଣରେ ଦେଖିଛନ୍ତି । ଆମ ସମୟରେ ପୁରୁଷମାନେ କେବଳ ସଂପଦାର ଆଧେୟ ଭାବେ ପରିଗଣିତ ହୁଅନ୍ତି । ପୁଅଟିଏ ନାରିରି ବଂଶର ଧାରିଣ ପାଇଁ ଆର୍ଥିକ ଭାବେ ଅସମ୍ପନ୍ନ ହେଲେ ଯେଉଁ ଅବମାନ ଜାଗେ, ତାହାକୁ ଅନେକ ସମୟରେ ସାହିତ୍ୟରେ ଅଣ୍ଟେଖେ ଜଣାଯାଇଥାଏ । ଶୁଭସ୍ମିତା ଏହି 'ଅଦୃଶ୍ୟ ଫୁଟ୍ଟ'କୁ 'ଜଟାଜାଲ' ଓ 'ଅସମ୍ପନ୍ନ ପାରା'ର ଚିତ୍ର ମାଧ୍ୟମରେ ପୁରୁଷର ମଧ୍ୟରି ବାଧବାଧକତାକୁ କବିତାରେ ସୁନ୍ଦର କରିଛନ୍ତି । ପୁଅର ଶିକ୍ଷା, ଚାକିରିକେନ୍ଦ୍ର ଓ ବଜାରର 'ଧାନୁଆ ମାଟି' ମଧ୍ୟରେ ଥିବା ସଂପର୍କରି ଏକ ବୃହତ ସାମାଜିକ ସତ୍ୟ ଭାବେ ପ୍ରତିଫଳିତ । କୌଣସି ପ୍ରକାର ବିଚାରଧାରାରେ ବାଦବାଦ ନା ନାର୍ଣ୍ଣ; ଅଥଚ କବିତାର ବିଚାରାର ବାଧବାଧକତା । ଆଧୁନିକ ସାହିତ୍ୟରେ ନାରୀବାଦିମାନଙ୍କ ଜଜମାନ୍ତ ଗମାନାବୀ ସ୍ୱରର ପ୍ରତୀକ ଅଛନ୍ତାବେ, ଶୁଭସ୍ମିତା ତ୍ରିପାଠୀଙ୍କ ଏହି କବିତାଟି ମାନବୀୟ ସମ୍ବେଦନାର ସର୍ବଭାଗୀକରଣକୁ ଆବେଦନ୍ତିତ କରିଛି । ବେଳାରୀ ପୁଅଟିର ଅନ୍ତର୍ଗାନ୍ତ୍ରକ ବେଦନା ସର୍ବାନ୍ତ୍ରକ ଚିତ୍ରରେ ଓ ଗଭୀରତାର ସହିତ ଚିତ୍ରିତ ହଜିଛି, ତାହା କବିଙ୍କର ସାମାଜିକ ମୂଲ୍ୟବୋଧ ପ୍ରତି ଥିବା ନିବିଡ଼ ଅଙ୍ଗାକାରବଦ୍ଧତାର ପରିଚୟ ।

ଅଶା ଓ ନିରାଶାର ଦ୍ୱନ୍ଦ୍ୱରେ ପୁଅର ପ୍ରେମ ଓ ଜୀବନ । ଭଜନିବାରର ସେ ଗ୍ରାମ୍ୟ ପ୍ରେମର ସ୍ମୃତି ଓ 'ଧାନଫୁଲ' ଜୀବନ ପାଇଁ ଆଶାର ସଞ୍ଚାର । ଯେଉଁ ପୁଅ ପାଠପଢ଼ି ଚାକିରି ପାଇ ପରିବାର, ସେ ଶେଷରେ ମାଟିରୁ ଆରମ୍ଭ ହୋଇ ଧାନ ଫୁଟାଉଥିବା ପୁଅ ପାଖରେ ଫେରି ଆସିଛି । ଏହି ପ୍ରଚାରର ଚକ୍ରରେ ଜୀବନ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପ୍ରତିଫଳିତ । ଏହି ଚକ୍ରର ଗତିରେ ଜୀବନ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପ୍ରତିଫଳିତ । ଶେଷରେ ପୁଅଟି ଯେଉଁ ଧାନ ଫୁଟାଉଛି, ତାହା ତା'ର ବଂଶିବାଳ ସମ୍ପତ୍ତି ସାଜାଇ । ଧାନଫୁଲ ଏଠାରେ ପ୍ରଚାରୀ ଜୀବନର ଚିତ୍ରପାଦ୍ୟ ପରି ପ୍ରତୀୟମାନ । ସେହିପରି କବି ଅନୁପାଳକ ପାଣ୍ଡିତ୍ତ୍ୟଙ୍କ 'ଗୋଟେ ଧାନ ପାଟି' କବିତାରେ ଗୋଟେ ଧାନର ଯେଉଁ ବ୍ୟାକ୍ତୁତ୍ତା ଅଛି, ତାହା ବିଶ୍ୱବ୍ୟକ୍ତ ଚେତନାର ପ୍ରତିଛବି ବହନ କରେ । ମାତ୍ର ଶୁଭସ୍ମିତାଙ୍କ କବିତାରେ ଯୋଡ଼ ଓ ଅଭାବ ଅଛି, କିନ୍ତୁ ସେଥିରେ 'ଶିଷ୍ଟିତ ବେଦାରା'ର ଏକ କରୁଣ ସ୍ୱର ମିଶିଛି । 'ଚମାକାନ୍ତରେ ସର୍ବଚିତ୍ରେକ୍ ବଦା ଘୋଳ ଜରିବା', 'ବାପାଙ୍କ ଜାକୁଥୁ ଅଣ୍ଟ' ଭଳାଦି ଶବ୍ଦାଳିକ ପ୍ରତିଭା ଓ ଅର୍ଥର ଅନନ୍ତତ୍ତ ମଧ୍ୟରେ ଥୁଆ ସଂପର୍କର ପରିଚାଏ । ସଂପ୍ରତିକ ଜୀବନ ଓଡ଼ିଆ କବିତାରେ ଯେଉଁମାନେ ଗ୍ରାମୀଣ ଜୀବନ ଓ ମଣିଷର ଦୁଃଖକୁ ଆତ୍ମସ୍ତ କରି ନେଇଛନ୍ତି, ସେମାନଙ୍କ ଧାରାରେ ଶୁଭସ୍ମିତା ଏକ ଝରେକ ସ୍ୱର । ତାଙ୍କର 'ଧାନଫୁଲ' ହେଉଛି ଆମ ପ୍ରାଚୀନ ସଂସ୍କୃତିର ପ୍ରତୀକ, ଯାହା ବିଜିନାର୍ଥ ଆଧୁନିକତାର ଜାଗରେ ପେଶି ହେଉଯାଉଥିବେ ବି ନିଜର ଅସ୍ତିତ୍ୱ ଦର୍ଶାଇଛି ।

ଧାନଫୁଲ ଫୁଟଉଥିବା ପୁଅ

ଶୁଭସ୍ମିତା ତ୍ରିପାଠୀ

ଧାନଫୁଲକୁ କାଳକ ଖୁଣିଲେ
ମଣେପରେ ପ୍ରଚଣ୍ଡବିଘାତ
ସେ ଶାନ୍ତିପ୍ରିୟ ଝିଅ
ବନ୍ଧୁପୁରୁଣି ଘରେ
ଅଗଣ ମୋଡ,
ଆକାଶ ଶାନ୍ତ ଥାଲିଲେ ପରକରେ
ଆବୁଜି ତଥାବୋ ଲାଗେ ମାଟି
ତା'ପରେ ଲମ୍ବାଦେହର ଠିଠିରେ
କୁଦାଦେଇ ଅଟ୍ଟେ
ଏବେଏବେ ହଜିପଡ଼ିଥିବା
ଶୁଖିଲା ଠରୁଳ କୋଳ ।

ଏବେଏବେ ଘରେ
ଲେଖନ୍ତୁଥିବା ସବୁ ବନ୍ଧୁରି
ଲାମାଳୁ ଦେଖିପାରି ଏଥର ବି
ମାନା କରି ଦେଇଗଲେ ପୁଅ ଘର;
ଗୋଲର ଶ୍ୱାସ ପାଟି,
ନମିଲ ଦିଅ ଅଣ୍ଟି ମୁଠି ପାଟି
ବଦ୍ଧା ପଢ଼ିଥିବା ଧାନୁଆ ମାଟି,
ଚେଲିଆ କାନ୍ଦୁକରେ
ଏମ୍ବୁଏ ଘୀଷ୍ଟ ବ୍ୟସ୍ତର
ଚାର୍ଦ୍ଦିପରିକରଙ୍କ ବଳୁଛଣ୍ଡ
ଜଳାକାଳୁ ଚିତର
ଗୋଟେ ଅସମ୍ଭାର ପାରା ଭଳି
ଜାଳୁଛୁ ଦିଶିଲା
ଆଖୁ ଦିଗର ବାପାଘର ।

ଦୃଶ୍ୟ ଛୁଇଁବାକୁ ଛାଡ଼ି ଯାଉଥାଏ
ଯେଉଁଦିକେ ଜାଲା,
ସେଇଠି, ଠିକ୍ ସେଇଠି ପବନରେ
ହସିହସି ଖେଳେ ଧାନଫୁଲ
ଆବୁଜି ଥାଉଥିବା ମଣେପରେ
କବିତାର ବାର୍ଦ୍ଧକ୍ୟ ବର୍ଷରେ
ନବ୍ୟ ଆଜୁଥିବା
ଶାନ୍ତିପ୍ରିୟ ଝିଅର ମୂର୍ତ୍ତି,
ଶିଶିରେ ଶିଶିରେ ଜନ୍ମ ନେଉଛି
ଧାନଫୁଲ ଫୁଟଉଥିବା ପୁଅ ।

ଶିଶିରେ ଶିଶିରେ ଜନ୍ମ ନେଉଛି
ଧାନଫୁଲ ଫୁଟଉଥିବା ପୁଅ ।

ଏବେ ଠିକ୍ ଲାଗୁଛି ଭଳି
ତାକୁ ଘେରୋଧ ଆକାଶ,
ବରଂ ଘେଞ୍ଚି ଆଣିଦିଏ
ବୃଥା ଆଶିରେ ମଲ୍ଲୁ ବନ୍ଧୁର ଭାଗ,
ତା' ଚକ୍ରାଣ ଜଳ୍ପବଦ ଜାଳରେ
ଆଣିବି ଦିଏ ତା'ର
ପୋଡ଼ି ଯାଉଥିବା ଜାତ ।

ବେଳଖଣ୍ଡ ସାର୍ବଜିତେତନ୍ତ
ଛାଡ଼ିରେ ଜାଳି
ଘୁଟରି ମୁଖେର ଡାଲେ
ଖନ୍ଦନାଳ ସ୍ୱପ୍ନ,
ଆଉ ଆଉ ଆସୁ ଖୋଳୁଖୋଳୁ
ନଜେରଦିଏ ସାଲଚିଥିବା
ଜାଳା ପାଦର ଖଣ୍ଡିଲା ପାଟିରି ପରେ,
ସନ୍ଧାଖାରେ ଅସମ୍ଭବ
ସୁବୁଣ୍ଡ ପାଲଟେ
ଅଣିଶସ୍ତ ଜଣ୍ଡର,
ଜଳଣୀ କାଜାପର
ଜଙ୍ଗାଳର ଲୁଚରେ ଭାଙ୍ଗେ
ବୋଲର ଧାନୁଆ ମାଟି
ମୁକୁଳି ପାଲିଉଥିବା ଦୃଶ୍ୟ,
ବାଟି ଉଚ୍ଚିଆଏ ଧାନଫୁଲ,
ଏଥର ମାଟିଖୋଳି
ସେ ଫୁଟଉଥିବା ଧାନଫୁଲ ।

ଅଭରୀ, ତା' ବୋଉର
ଖାଲି ବେଦରେ
ଏଥର ଯାତ୍ରା ଭେଳେ ଝୁଲିବ
ସେ ଦେଖେ ପଛରେ ଧାନୁଆ ମାଟି,
ନଜରେ ଏକ ଫୁଟଉଥା
ବେଲାଏ ଧାନଫୁଲ ।

♥ ବନ୍ଧୁପୁରୁ, ବାଲେଶ୍ୱର, ଫୋନ: ୯୪୩୭୪୬୬୯୧୦

ନୁହେଁ, ବରଂ ଆଜିର ମଧ୍ୟରି ପରିବାରର ଆର୍ଥିକ ଅବନତ, ସ୍ୱତନ୍ତ୍ରତା ଓ ସାମାଜିକ ପ୍ରତିବନ୍ଧକର ଏକ ମର୍ମଭେଦୀ ଅଭିବ୍ୟକ୍ତି । ଅବଚେତନାର ଭାଷ କବି ବାଲୁପୁରୀ ଜନସିଶ୍ରିତ ବେଦାରୀ ସ୍ୱରକର ଜୈବାଶମ୍ବନ୍ଧିତ ବର୍ଣ୍ଣନାନ୍ତର ବାସ୍ତବ ଚିତ୍ର କବି ମର୍ମଜ୍ଞାଣ ଭାରିରେ ପ୍ରକାର କରିଛନ୍ତି । ଭଜନିବାରରୁ ଏମ୍ବ.ଏ. ଘୀଷ୍ଟସ୍ମୁଏ ଚାର୍ଦ୍ଦିପରିକରେ ଏମ୍ବ ଦିନ ବୁଲୁଥିବା ପୁଅଟିଏ, ଯାହା ମନରେ ଅନେକ ସ୍ୱପ୍ନ ଥିଲା, ଶେଷରେ ପରିବାରର ଜଣ ଓ ଅଭାବପ୍ରତାରେ ସେ ଗୋଲାଘାଣି ବନ୍ଦ । କବିତାର ଭାଷା ଅତ୍ୟନ୍ତ ସରଳ, ଅଥଚ ପ୍ରଭାବଶାଳୀ । 'ଜଳାକାଳୁ ଚିତରେ ଗୋଟେ ଅସମ୍ଭାର ପାରା' - ଏହି ଚିତ୍ରପ୍ରତାଣି ପୁଅଟିର ବେଦନାମୟ ମାନବିକ ଗୁଣିକୁ ସ୍ପଷ୍ଟ କରେ । କବିତାରେ ବୋଉର ଶ୍ରାଦ୍ଧକର୍ମ, ଜଳଖାର କାହାପର ଓ ଜମିର ଅଣ୍ଟିମୁଠି ପାଇଁ ବଦ୍ଧା ପଢ଼ିଥିବା ପ୍ରଯୋଗ ବଳି କବିତାର ଭାବବିମ୍ବକୁ ବହୁଳ ଉଦ୍ଦେଶ ପ୍ରକାଶ କରିଛନ୍ତି ଅଙ୍ଗାକୃତ ।

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାକାର ବୀଣାପାଣି ମହାନ୍ତି

ଧାରାବାହିକ ଆଲୋଚନା

"ନିର୍ଯାତିତ, ଲାଞ୍ଛିତ ମଣିଷର ଯନ୍ତ୍ରଣା ଓ ସେଥିରୁ ମାନୁଷ ମୁକ୍ତ କରି ବିପରି ମାନବିକତାକୁ ପ୍ରତିଷ୍ଠିତ କରାଯାଇପାରିବ ତାହା ପ୍ରାୟ ଅନେକ ଜଣଙ୍କରେ ଲେଖିଥାଏ ଓ ଲେଖିବାକୁ ଚାହୁଁଥାଏ ।" (ଅଧ୍ୟାପକ ଦେବପ୍ରସାଦ ମୋହନ୍ତି)

ମାନବୀୟ ଜୀବନ ବିନା ଗଳ୍ପର ଅସ୍ତିତ୍ୱ କାହିଁ ? ସ୍ୱତଃ ମଣିଷ ହିଁ ତ ଲେଖିବାକୁ ଚାହାଁ ନିଜ କଥା । ଆଉ ତା ଭଳି ଅନେକ ମଣିଷଙ୍କ କଥା । ଲେଖିଥିବାଟି ତ ବୁଝାଯାଏ:LIFE IS TOO SHORT FOR A LONG STORY. (MARY WORTLAY MONTAGU)

ମଣିଷର ଜୀବନ ପୁରି ଏକରି ବିଶ୍ୱ । ଜଣେ ମଣିଷ ସମାଜ ପାଇଁ ଲେଖୁଥିବା କଥାକାର ବୀଣାପାଣି ମହାନ୍ତି ତ ଏ ଜାତିର ଓଡ଼ିଆ କଥା ସାହିତ୍ୟ ଜଗତର ଜଣେ ନିଆଖିଆ ସାହିତ୍ୟିକା । ମଣିଷକୁ ନିଜ ଜୀବାଳର ନାଇକ ବୋଲି ବିବେଚନା କରି ଓଡ଼ିଆ ମଣିଷ ଚିତ୍ରରେ ଏସ ଖଣ୍ଡି ଦିଗରି ବିଶ୍ୱର ସୃଷ୍ଟିରୁ । ମଣିଷର ଅସହାରତା, ମାନବିକ୍ତ୍ୱ, ଦେଶ୍ ଗୁରର ଭାବରେ ଚିତ୍ରଣ କରି ଗଡ଼ି ଦିଗରି ସୁନ୍ଦର ଓ ପ୍ରତିଭାବ କଥା ଜାଣାଣୀ ।

'ପାରଦେବ' (୧୯୯୦ ମସିହାରେ ଜେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର) ଦେବ ଅଟେ 'ବଣ୍ଡୁଳା ମୂଳ ଓ ସବୁକ ପରଣ' (୧୯୭୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ) ଗଳ୍ପ ସଂକଳନ, ମଣିଷର କଥା କବିତାକୁ ଅତି ଯାଇ ନାଆଣି । ବଳ୍ପ ମଣିଷ ଅନ୍ତରର ଅନୁଭବକୁ ସାର୍ଥକ ଅଣିବାରେ ସାର୍ଥକତା ଲାଭ କରିଛନ୍ତି ।

'ତଟିମୀ ର ଦୃଷ୍ଟା' ଗଳ୍ପଟି ମଣିଷର ଶ୍ରେଷ୍ଠତାକୁ ଦୃଷ୍ଟାର ପ୍ରତୀକାତ୍ମକ ଅଭିବ୍ୟକ୍ତି କରିଛେ ଅତ୍ୟନ୍ତି ଦୂରେ ନାହିଁ । ଗଳ୍ପ କାରର ମଣିଷର ଅସମାପ୍ତିର ସ୍ପୃହା ଓ ବିଚ୍ଛେଦ ନିଜ ଜଣ ଜଣାଯାଇଛି । ଚିତ୍ରର ତା ଚାରେ ଦେଖିବାକୁ ଚାହିଁଛି ଯେ ଜଣେ ପୁଅର ଜୀବନ ସମ୍ପର୍କ ପାଇଁ ସର୍ବଦା ଦୃଷ୍ଟା ଭାବରେ ରହିଛି । ସେଇଥିପାଇଁ ଜୀବନ ଚିତ୍ରର ଅବୋଧ ଜଣ ଜଣାଯାଇଛି । ଚିତ୍ରର ଚିତ୍ର ବିଶ୍ୱମୋହନ ବନ୍ଦ୍ୟ ସ୍ୱାଳନ୍ତ ବୃଦ୍ଧିରି ରେ ମମ୍ପାଳ ପ୍ରାପ୍ତ । ବହୁ ବହିର ଚିତ୍ରପ୍ରତ୍ୟ କର୍ତ୍ତବ୍ୟ ନିଷ୍ଠାରେ ମଣିଷ ମମ୍ପ ମଧ୍ୟ । କଥାକାର ବୀଣାପାଣିଙ୍କ ବର୍ଣ୍ଣନା ଜାଦୁଭାରେ ଗଳ୍ପ ବସ୍ତୁର ଜୀବନ୍ତ ପ୍ରତିବିମ୍ବ ଦେଖାଯାଇଛି ।

ଲେଖିକାଙ୍କ ବହୁବର୍ଣ୍ଣିତ ଗଳ୍ପ 'ପାରଦେବ', ଯାହାକି ଜାତୀୟ ନିମ୍ନବର୍ଗୀୟ ନାରୀ ଜୀବନର ନିର୍ଯାତନା, ଅସହାୟତା ଓ ବିପର୍ଯ୍ୟସ୍ତର ପ୍ରତୀକ ହଇଛେ । ବେଦାରିକ ଜୀବନର ଅଳ୍ପ ଦିନ ପରେ ଟିକ୍ରାଲଙ୍କୁ ଘେରି ଆସିବା, ଗ୍ରାମ୍ୟ ସୁନ୍ଦରକ ଲୋକୁପ ଦୃଷ୍ଟିର ଶିକାର ହୋଇ ପରେ ଅସାମାଜିକ ସୁବକମାନଙ୍କ ଦ୍ୱାରା ଅତ୍ୟଚାର ଲାଭ କରି ଅବଶେଷ ପରେ ଏକ ଅନ୍ଧବିଶ୍ୱାସର ବଳି ହେବା ଆଦି ଏକ ଗଳ୍ପର ଭାବ ଜାଣାଣୀ । ଯେଉଁଟି ହେଉ ଗଳ୍ପର ଭାବ ଜାଣାଣୀ । ଏହାର ସମ୍ବନ୍ଧ ଅନ୍ୟ ଗଳ୍ପ ଗୁଡ଼ିକରେ ମଧ୍ୟ ଦେଖାଯାଏ । ଏହାର ଗଳ୍ପ ଗୁଡ଼ିକ ଅତ୍ୟନ୍ତ ସରଳ ଓ ସ୍ୱାଭାବିକ ।

ଓଡ଼ାଣି ପାରର ପୁରୋଣା ଗୁରୁ ବଂଶୀଧର ମୁଦୁଲି ଏହି ଗଳ୍ପର ନାୟକ । ଏହାର ଜୀବନଚିତ୍ରକାର କଥା ବହୁତି ବୀଣାପାଣି । ଏମିତି ଜୀବନଚିତ୍ରକାର ଜଣେ ଅତ୍ୟନ୍ତ ବିରଳ । ଗ୍ରାମ୍ୟଜୀବନର ଅଭାବ ଓ ଦାରିଦ୍ରତାର ସାମାଜିକ ପ୍ରତିବନ୍ଧକ ଚିତ୍ରରେ ଏହାର ପ୍ରତିଫଳନ ହୋଇଛି ।

'ଏକାକୀ ପ୍ରଜାପତି' ଗଳ୍ପରେ ପୁରାଣର ପୁରଣାକୁ ମିଥ୍ ରୂପେ ନେଇ ଆଧୁନିକ ମଣିଷର ଚିତ୍ର ପରୋକ୍ଷର କରିଛନ୍ତି ସାହିତ୍ୟ ।

'ଜେଜ ଚାଲିଛି' ଗଳ୍ପରେ ଏକ ସଂଘଟିତାର ପାରିବାରିକ ଜୀବନର କଥାକୁ ବେଶାଣିଛନ୍ତି ଲେଖକ । ଆଧୁନିକ ବ୍ୟକ୍ତିବାଦ ସ୍ୱୀକରେ ପାରିବାରିକ ଜୀବନ କିପରି ବୁଝୁଛି ପଡ଼ିଛି ଏହାକୁ ମର୍ମପରଶି ବର୍ଣ୍ଣିଛନ୍ତି ଏ ଗଳ୍ପରେ ।

'ଅଭିନେତ୍ରୀ' ଗଳ୍ପରେ ମାନୀ ବଳିତ୍ର ମାନାଷ୍ଟର ଜୀବନର ଅବସାରାଚାର୍ଯ୍ୟ ମାନି ଦୁଃଖ । ବାସ୍ତବରେ ଆଜିର ବିବାଶଶାଳ ସ୍ୱୀକ, ମଣିଷକୁ ଦେଇଛି ଅର୍ଥ, ପ୍ରତିଷ୍ଠି, ମାନବଜାତ ସବ ଯେଉଁ ଦାରାଗୁଡ଼ିକରେ ମେଳାଇ ଶାନ୍ତି, ସମ୍ବନ୍ଧ, ପ୍ରେମ, ଆଦି । ଏହାକୀ ଶିଷ୍ଟଜୀବାର ପ୍ରାଣ୍ଡ ବଢ଼ିଚାଲୁ ଛାଡ଼ି ଦେଇଛି ।

ଓଡ଼ିଆ କଥା ସାହିତ୍ୟରେ FEMINIST ବେଳାରୁଥିବା ବୀଣାପାଣିଙ୍କ ଅଧିକାଂଶ ଗଳ୍ପର ଭାବବସ୍ତୁ (Theme) ହେଉଛି ନାରୀ ଜୀବନର ସମସ୍ୟା, ସମ୍ବନ୍ଧ, ଅସହାୟତା, ନିଃସହାୟତା ଇତ୍ୟାଦି । ତାହା ସତ୍ୟ ବୀଣାପାଣି ତିରଳାଳ ଆଶାବାଦୀ ନାରୀ, ପୁରୁଷ ବଳିତ୍ର ପାଇଁ । ଏହେ ସବୁ ଯାତନା ସତ୍ତ୍ୱେ ନିଜୁମ ନିଶାଳକ ବ୍ୟକ୍ତିବାଦୁ ସଂପର୍କ ବଳିବାକୁ ଶିକ୍ଷା ଦେଇଥିବା କଥାକାର ବୀଣାପାଣି ମହାନ୍ତିଙ୍କ ଏହମାନ୍ତ ଲକ୍ଷ୍ୟ ଦେଇଛି ଏକ ସୁସ୍ଥ ସୁନ୍ଦର ସମାଜ ଗଢ଼ିବା ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବଡ଼ୁପ ମହାବିଦ୍ୟାଳୟ, ବଡ଼ୁପ, ମୟୂରଭଞ୍ଜ ଫୋନ: ୯୩୩୭୦୬୭୪୮୬

ନିବିଡ଼ ନିରବତା

ଐଶ୍ୱର୍ଯ୍ୟ ପ୍ରଧାନ

ଘାଡ଼ ଅଖରେ ବଳି ଶାଣିପୁରୀ ଶାଳରେ ପରି ପୁ
ଯେଉଁ ଖୋଲିଲେ ବି ପାରିବିନି ତରେ,
ପାଳନି ଆଖି ସମ୍ବନ୍ଧମନ୍ଦର ପୁଲ
କେମିତି ଆଖ ଖଳେବି ମୋର କବରାରେ ତରେ ।

କେବେ ଦିନେ ଦେଖିଥିବି ତୋ ଆଖିରେ ପ୍ରେମର ସମୁଦ୍ର
ତା' ଛାତିରେ ରବେଇଥିବି ବାଜାଇ ଟଂସା
ମୋ ଆଖି ଆଜନାରେ ଯେଉଁ ଅଶ୍ରୁ ଟିକୁଥିଲା ତୋର ଛବି
ମୋ ଆଖିଲୁହରେ ଦେଖିଥିବି ତୋ ଛାପ ।

କବିଥିଲୁ ଦିନେ
ତୋକେ ପାଳନ ଚିତ୍ରବନ ଯେମିତି ଜହ୍ନର ଛବିରେ
ଛାଡ଼ିଦିଏ ଜାଳି

ଦୈନିକ
ଆରମ୍ଭ
SEITHO ARAMBHA

ରବିବାର, ୧୫ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ନୂଆପଡ଼ାରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ, ଶ୍ରେଷ୍ଠମାନେ ପୁରସ୍କୃତ

ନୂଆପଡ଼ା, ୧୪/୦୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ପରଗାଛୁଡ଼ା ସ୍ଥିତ ବହୁମୁଖୀ ସରାଗୃହରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମାଜର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ ତଲି ମାଝୀ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବାପିକା ଦିପ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟେବର ଧଡୁଆ, ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ଗାଁକଲ୍ୟାଣ ସମିତିର ଭୂମିକାକୁ ପ୍ରଶଂସା କରିଥିଲେ । ଗ୍ରାମ୍ୟ ଅଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସଚେତନତା ସୃଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟନ୍ୱୟନରେ ଆଶା କର୍ମୀମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ସେମାନେ କହିଥିଲେ ।ଏହି ଅବସରରେ ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ଆଶା କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ନୂଆପଡ଼ା ବ୍ଲକର ମାରାଗୁଡ଼ାର ଜେମତି ମାଝୀ ପ୍ରଥମ ସ୍ଥାନ ଅଧିକାର କରି ୬ ହଜାର ଟଙ୍କା ପୁରସ୍କାର ପାଇଥିଲେ । ଖରିଆର ବ୍ଲକର ଲଙ୍ଗିର ହେମକାନ୍ତି ଚଳାନ ଦ୍ୱିତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ବୋଡେନ ବ୍ଲକର ବଡରେଗାଁର ଦମୟନ୍ତୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କାର ପାଇଥିଲେ । ସେହିପରି ଜିଲ୍ଲାର ତିନିନୁ ବ୍ଲକର ଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ଜନ ଅରୋଗ୍ୟ ସମାଜ ମଧ୍ୟ ପୁରସ୍କୃତ ହୋଇଥିଲେ । ନୂଆପଡ଼ା ବ୍ଲକର ଲରୁଆମୁଣ୍ଡା (ମାରାଗୁଡ଼ା), କୋମନା ବ୍ଲକର ଶିଆଲଟି, ଖରିଆର ବ୍ଲକର ବାଦି, ବୋଡେନ ବ୍ଲକର ଖଲରା ଏବଂ ସିନାପାଲି ବ୍ଲକର କରଙ୍ଗାଦାଳାଲି ଜନ ଆରୋଗ୍ୟ ସମାଜ ପ୍ରଥମ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୧୩ ହଜାର ଟଙ୍କା ଲେଖାଏଁ ପୁରସ୍କାର ପାଇଥିଲେ । ଏହା ବ୍ୟତୀତ ସୁସ୍ଥ ଗାଁ ପୁରସ୍କାର ଅନ୍ତର୍ଗତ ନୂଆପଡ଼ା ବ୍ଲକର ସରବଙ୍କ ଗ୍ରାମର ମୌଳିଗଟା, କୋମନା ବ୍ଲକର ମାଳିଗୁଡ଼ା ଗ୍ରାମର ଜଟଗାଡ଼, ଖରିଆର ବ୍ଲକର ଚନାବେଡା ଗ୍ରାମର ଲୋକପୁର, ବୋଡେନ ବ୍ଲକର ଖରଡା ଗ୍ରାମର ବଜାର ଏବଂ ସିନାପାଲି ବ୍ଲକର ଗୋରଗା ଗ୍ରାମର ପଡିଆଲପଡ଼ା ଗାଁ କଲ୍ୟାଣ ସମିତିକୁ ପ୍ରତ୍ୟେକ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା । ସେହିପରି ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ଜଳୁଷ୍ଟ କାର୍ଯ୍ୟକ୍ଷମତା ପାଇଁ ନ୍ୟାୟକଳ୍ପ ଓ ଏନଜୁଏଏସ ପୁରସ୍କାର ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସିମନ୍ଦା, ଖରିଆର ରୋଡ, କୋମନା, ବୋଡେନ, ସିନାପାଲି ଓ ଏସଡିଏଚ୍ ଖରିଆର ସହ ଅନ୍ୟାନ୍ୟ ଆମ୍ ଆଦମୀ ସ୍ୱାସ୍ଥ୍ୟ କେନ୍ଦ୍ରମାନ ସମ୍ମାନିତ ହୋଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଏନ-ଏଚ-ଏମ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗାତା ସହିତ ତିନିନୁ ବ୍ଲକର ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ ।

ଲଦାଖରେ ଶାନ୍ତି, ସ୍ଥିରତା ଓ ବିଶ୍ୱାସର ପରିବେଶ ଗଢ଼ିବାକୁ ସରକାର ପ୍ରତିବଦ୍ଧ
ସୋନମ ୱାଙ୍ଗଚୁକଙ୍କ ଅଟକ ତୁରନ୍ତ ପ୍ରତ୍ୟାହାର କରିବାକୁ ସରକାରଙ୍କ ନିଷ୍ପତି

ନୂଆଦିଲ୍ଲୀ, ୧୪/୦୩ (ପି.ଆଇ.ବି) : ଶାନ୍ତିପ୍ରିୟ ଲେହ ସହରରେ ୨୪ ସେପ୍ଟେମ୍ବର ୨୦୨୫ରେ ସୃଷ୍ଟି ହୋଇଥିବା ଆଇନ-ଶୃଙ୍ଖଳା ପରିସ୍ଥିତି ପରେ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ୨୬ ସେପ୍ଟେମ୍ବର ୨୦୨୫ରେ ଜାତୀୟ ସୁରକ୍ଷା ଆଇନ (ଏନ-ଏସଏ) ଅଧୀନରେ ଅଟକ ରଖାଯାଇଥିଲା । ଲେହ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଇନ-ଶୃଙ୍ଖଳା ରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଆଇନ ଅନୁସାରେ ୱାଙ୍ଗଚୁକ୍ ଏପର୍ଯ୍ୟନ୍ତ ତାଙ୍କ ଅଟକ ଅବଧିର ଅର୍ଦ୍ଧ ସମୟ ମଧ୍ୟ ପୂରଣ କରିସାରିଲେଣି । ଲଦାଖର ଲୋକଙ୍କ ଆକାଂକ୍ଷା ଏବଂ ଚିନ୍ତାକୁ ସମ୍ମାନ କରିବା ପାଇଁ ସରକାର ବିଜିନ୍ନ ପକ୍ଷ ଏବଂ ନାଗରିକ ସମାଜ ନେତାଙ୍କ ସହିତ ସକ୍ରିୟ ଯୋଗାଯୋଗରେ ଅଛନ୍ତି । ତଥାପି, ବନ୍ଦ ଏବଂ ପ୍ରତିବାଦର ପରିବେଶ ସମାଜର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ କ୍ଷତିକାରକ ପ୍ରମାଣିତ ହୋଇଛି ଏବଂ ଛାତ୍ର, ନିଯୁକ୍ତି ଆଶାୟୀ, ବ୍ୟାବସାୟ, ଦୂର ଅପରେଟର ଏବଂ ପର୍ଯ୍ୟଟକ ସମେତ ସମ୍ପ୍ରଦାୟର ବିଭିନ୍ନ ବର୍ଗ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିଛି, ଏବଂ ଲଦାଖର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି । ସରକାର ଲଦାଖରେ ଶାନ୍ତି, ସ୍ଥିରତା ଏବଂ ପାରସ୍ପରିକ ବିଶ୍ୱାସର ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ, ଯାହା ଦ୍ୱାରା ସମସ୍ତ ଅଂଶୀଦାରଙ୍କ ସହିତ ଗଠନମୂଳକ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ହୋଇପାରିବ । ଏହି ଉଦ୍ଦେଶ୍ୟ ପାଇଁ ଏବଂ ଉପଯୁକ୍ତ ବିଚାର-ବିମର୍ଶପରେ, ସରକାର ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ସୋନମ ୱାଙ୍ଗଚୁକଙ୍କ ଅଟକକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିଷ୍ପତି ନେଇଛନ୍ତି । ଲଦାଖର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସରକାର ତାଙ୍କର ପ୍ରତିବଦ୍ଧତାକୁ ପୁଣି ଦୋହରାଇଛନ୍ତି । ସରକାର ଅଣସରକାରୀ ଯେ ଉଚ୍ଚସ୍ତରୀୟ କମିଟି ଏବଂ ଅନ୍ୟାନ୍ୟ ଉପଯୁକ୍ତ ମଂଚ ସମେତ ଗଠନମୂଳକ ସ୍ୱାର୍ଥ ଏବଂ ଆଲୋଚନା ମାଧ୍ୟମରେ ଏହି ଅଂଚଳ ସହିତ ଜଡିତ ସମସ୍ୟାଗୁଡ଼ିକର ସମାଧାନ ହେବ ।

ଆଂଚଳିକ ଯୁବ ସଂସଦର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ବଣାଗଁ, ୧୪/୦୩ (ଆ.ପ୍ର) : ବଣାଗଁ ଆଂଚଳିକ ଯୁବ ସଂସଦର ଏକ ପ୍ରସ୍ତୁତି ବୈଠକ ବାବା କାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଟଂକିତ ଗୌଧୁରୀ ଏ ବର୍ଷ ଏହି ଉତ୍ସବ ୨୯ ବର୍ଷରେ ପଦାର୍ପଣ କରୁଥିବାରୁ କିପରି ବିଚାରଧର୍ମିତା ଏବଂ ସୁରୁଖୁରୁରେ ପାଳନ ହେବ ତା ଉପରେ ଆଲୋଚନା କରିଥିବା ବେଳେ ପୂର୍ବ ବର୍ଷ ଭଳି ଏ ବର୍ଷ ମଧ୍ୟ କୃଷି, ଶିକ୍ଷା, କ୍ରୀଡା ଏବଂ ସମାଜର ଲୋକଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବାକୁ ସ୍ଥିରୀକୃତ ହୋଇଥିବା ବେଳେ ଏ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଭାବେ ଅଭିନେତ୍ରୀ କ୍ରିଷ୍ଣା ଏବଂ ତାଙ୍କ ଗ୍ରୁପ ଆସିବାର ସ୍ଥିର ହୋଇଥିବା ନେଇ ସଭାରେ ଆଲୋଚନା ହୋଇଥିଲା । ତା ସହିତ ବଣାଗଁ ଆଂଚଳର କଳାକାରଙ୍କୁ ନେଇ ଓଡିଶୀ ଏବଂ ଅନ୍ୟାନ୍ୟ ନୃତ୍ୟ ମଂଚରେ ପରିବେଷଣ ହେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଧର୍ମବିର ଦାସ, ବଳଦେବ ମହାନ୍ତି, ବିଷ୍ଣୁ ବାରିକ, ପ୍ରଭାତ ସ୍ୱାଇଁ, ବିଶ୍ୱଜିତ ବାରିକ, ପରେଶ କାଲ, ସୁଜିତ ମହାପାତ୍ର, ଉମେଶ ସାହୁ, ରାଜେଶ, ବିରାଜ ପ୍ରସାଦ ମହାନ୍ତି ସୁରଜ ପ୍ରତାପ ମହାନ୍ତି, ବିନୁୟ ତ୍ରିପାଠୀ ହେମନ୍ତ ପାତ୍ର,ଏବଂ ଅନ୍ୟ ସଭ୍ୟ ମାନେ ଉପସ୍ଥିତ ଥିବା ବେଳେ ଶେଷରେ ପରେଶ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ ।

ଆସାମୀ ଫେରାର ୬୦ଲିଟର ମଦ ସ୍ଫୁଟି ଜବତ

ତାଙ୍ଗୀ ଗୌଦ୍ୱାର, ୧୪/୦୩ (ଆ.ପ୍ର) : ଅବକାରୀ ସୁପ୍ରେଣ୍ଟିଂଡେଣ୍ଟଙ୍କ ନିର୍ଦ୍ଦେଶରେ ଗୌଦ୍ୱାର ଅବକାରୀ ଥାନା ଡଗପୁରୁ ଗୌଦ୍ୱାର, ପରାଗଁ, ନାଗଁମଣିଆ ଆଦି ତିନିନୁ ଅଂଚଳରେ ଗାଡି ଚେକିଙ୍ଗ କରୁଥିବା ସମୟରେ ଏକ ସ୍ଫୁଟି ସହିତ ୬୦ଲିଟର ମହୁଲି ମଦ ଜବତକରିଛି, ଘଟଣା ସ୍ଥଳରେ ଆସାମୀ ଗାଡି ଛାଡ଼ି ଦୌଡ଼ି ପଳାଇଗଲା ଅବକାରୀ ପକ୍ଷରୁ ଧରିବାରେ ସଫଳ ନହେବାରୁ ଉକ୍ତ ଆସାମୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି ବୋଲି ଅବକାରୀ ଜନସେଳକରେ କହିଛନ୍ତି । ଏହି ଚଢ଼ାଉରେ ଜନ୍ୟେଫ୍ଟର ମାନସୀ ନାୟକ, ଗୌଦ୍ୱାର ଅବକାରୀ ଥାନାର ଜନସେଳକର ଉକ୍ତ ବଜୁର ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁଜିତ ବଲ, ଲକ୍ଷ୍ମଣ, ଗାଡାଞ୍ଜନି ଚେହେରା ସବୁ ସାମିଲ ରହିଥିଲେ ।

ଦଶପଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଦଶପଲ୍ଲା, ୧୪/୦୩ (ଆ.ପ୍ର) : ନ୍ୟାୟଗତ ଜିଲ୍ଲା ଦଶପଲ୍ଲା ଏନ-ଏଲିଟେ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ୍ କୋର୍ଟ ଲଙ୍ଘେଶ୍ୱର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ଓ ଆଂଚଳିକ ବ୍ୟାଙ୍କ ପକ୍ଷରୁ ଏହି ଅଦାଲତ ପାଳିତ ହୋଇଅଛି । ଝଟାପଟି ଋଣ ଗ୍ରହିତାଙ୍କୁ ଋଣ ରୁ ମୁକ୍ତି ପାଇବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ନିଜର ପୁରୁଣା ବକେୟା ଋଣ ଖାତାକୁ ବ୍ୟାଙ୍କ ସହିତ ଆପୋଷ ବୁଝାମଣା ସୂତ୍ରରେ ଋଣ ମୁକ୍ତି ପାଇବାର ଏକ ଅନନ୍ୟ କାର୍ଯ୍ୟକ୍ରମ । ଏଇ ପରି ସୁବିଧା ସୁଯୋଗରୁ ଜନ ସାଧାରଣ ଗ୍ରହଣ କରିଛନ୍ତି । ଏହାର ଫାଇଦା ଉଠାଇଛନ୍ତି । ଆଜି ଏହି ଅଦାଲତ ମେଳାରେ ଋଣ ଝଟାପଟି ଯୋଗ ଦେଇଥିଲେ । ତେବେ ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ୧୦ ଲକ୍ଷ ଋଣ ଆଦାୟ ହୋଇଥିବା ବେଳେ ୫ ଟି ମାମଲା ଫଇସଲା ହୋଇଥିଲା । ଅନ୍ୟ ବ୍ୟାଙ୍କ ତ୍ରୁଟିର ମଧ୍ୟ ଏଥିରେ ଲାଗ ନେଇଥିଲେ ।

ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡା ଲକ୍ଷ୍ୟରେ ବିଶାଳ ସଫେଇ ଅଭିଯାନ 'ଗାଁ ପରିମଳ ଗାଁ ମୁଣ୍ଡରୁ'

ନୂଆପଡା, ୧୪/୦୩ (ଆ.ପ୍ର) : "ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡା ଅଭିଯାନ" ଲକ୍ଷ୍ୟରେ ଆଜି ସକାଳ ୮ ଘଣ୍ଟାରୁ ୨୦ଟା ପର୍ଯ୍ୟନ୍ତ "ଗାଁ ପରିମଳ ଗାଁ ମୁଣ୍ଡରୁ" ଥିମ୍‌ରେ ସମସ୍ତ ଜିଲ୍ଲା ଯୋଡ଼ି ହୋଇ ଏକ ବ୍ୟାପକ ମେଗା ସଫେଇ ଅଭିଯାନ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଗ୍ରାମ ପଂଚାୟତ, ବ୍ଲକ ପ୍ରଶାସନ, ଏନ୍ ଏ ସି, ସ୍ୱଛତା ଦଳ, ପରିମଳ କର୍ମୀ, ଯୁବ କ୍ଲବ ଓ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆୟୋଜିତ ଏହି ଅଭିଯାନରେ ସରକାରୀ ଅଧିକାରୀ, ଜନ ପ୍ରତିନିଧି, ପଂଚାୟତ ପ୍ରତିନିଧି, ସ୍କୁଲ ଛାତ୍ରଛାତ୍ରୀ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନଙ୍କର ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଜିଲ୍ଲାର ସମସ୍ତ ପଂଚାୟତ ସହିତ ତିନି ବିଜୁପିତି ଅଂଚଳ ବ୍ଲକରେ ଗତ ମଧ୍ୟ ଏହି ସଫେଇ ଅଭିଯାନ ଚାଲିଥିଲା । ଏଠାରେ ଥ୍ରୀ ଥିଲା 'ଥ୍ରୀଡ଼ି ପରିମଳ ଥ୍ରୀଡ଼ି ମୁଣ୍ଡରୁ' । ଅଭିଯାନ ସମୟରେ ଜିଲ୍ଲାର ପ୍ରାୟ ୨୦୦୦ ଆବର୍ଜନା ପ୍ରବଣ ସ୍ଥାନ (ଏଠବ)ସଫା କରାଯାଇଥିବାବେଳେ ୨୫ ଟନରୁ ଅଧିକ ପ୍ଲାଷ୍ଟିକ ଅଳିଆ ସଂଗ୍ରହ କରାଯାଇ ପୁନଃଚକ୍ରୀକରଣ ପାଇଁ ପଠାଯାଇଥିଲା । ଏହାସହ ୧୦୦୦ ରୁ ଅଧିକ ସ୍କୁଲ ଓ ୧୪୦୦ ରୁ ଅଧିକ ଅଙ୍ଗନୱାଡି କେନ୍ଦ୍ରରେ ସଫାସୁତୁରା ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ୩୦୦ରୁ ଅଧିକ ସରକାରୀ କାର୍ଯ୍ୟାଳୟ ଓ ୩୦ ରୁ ଅଧିକ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ସଫାସୁତୁରା ଅଭିଯାନ ଚାଲିଥିଲା । ଏହି ଅଦଭାରରେ ଜିଲ୍ଲାପାଳ କହିଛନ୍ତି ଯେ, ଏହି ପଦକ୍ଷେପ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସମାଜର ଦାୟିତ୍ୱବୋଧ ବୃଦ୍ଧି ପାଇବା ସହିତ ନୂଆପଡାକୁ ଏକ 'ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା' ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ପ୍ରଶାସନ ପ୍ରତିବଦ୍ଧ ରହିଛି । ଆଜିର ଏହି ସଫଳ ବିଶାଳ ସଫେଇ ଅଭିଯାନ ପରେ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୫ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବିଶ୍ରାମାଗାର ନିର୍ମାଣରେ ଅହେତୁକ ବିଳମ୍ବ

ଦଶପଲ୍ଲା, ୧୪/୦୩ (ଆ.ପ୍ର) : ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଦୂର୍ଗାବଜାରଠାରେ ଯାତ୍ରୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୀର୍ଘ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରାତନ ଯାତ୍ରୀ ବିଶ୍ରାମାଗାରଟିକୁ ପ୍ରଶାସନ ପକ୍ଷରୁ ଲାଞ୍ଚି ଦିଆଯାଇଥିଲେ ହେଁ, ନୂତନ ଗୃହ ନିର୍ମାଣ ପାଇଁ କୌଣସି ଉପରୁରା ପୁରାଣି ନପାଇବା ଘଟଣା ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ, ଦୂରଦୂରାନ୍ତରୁ ଯାତ୍ରା କରିବା ପାଇଁ ଏହି ସ୍ଥାନଟି ଏକ ପ୍ରମୁଖ ଅପେକ୍ଷାସ୍ଥଳ । ମାତ୍ର ବିଶ୍ରାମାଗାର ଅଭାବରୁ ଯାତ୍ରୀମାନେ ପ୍ରଖର ଗ୍ରୀଷ୍ମତାପ ଓ ପ୍ରତିକୂଳ ପାଗରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତିମାନେ ନିଜର ଆସବାବପତ୍ର ଧରି ଜାତୀୟ ରାଜପଥ କଡ଼ରେ କିମ୍ବା ସ୍ଥାନୀୟ ଦୋକାନ ବାରଣ୍ଡାରେ ଅତି ବିପଦଜନକ ଭାବେ ବସି ରହୁଛନ୍ତି । ଯେକୌଣସି ମୁହূର୍ତ୍ତରେ ଏଠାରେ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ରାଜ୍ୟ ସରକାର ପ୍ରତିଟି କ୍ଷେତ୍ରରେ ବିଜିନ୍ନ ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ବେଳେ, ଦଶପଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ସ୍ଥାନଟି କେବେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଯାତ୍ରୀମାନେ ଅବିଳମ୍ବେ ଏଠାରେ ଏକ ଅତ୍ୟାଧୁନିକ ବିଶ୍ରାମାଗାର ନିର୍ମାଣ କରିବାକୁ ଦାବି କରିଛନ୍ତି ।

ସାଲେପୁର ଏସଡ଼ିପିଓଙ୍କ ସାମ୍ବାଦିକ ସମ୍ମିଳନୀ : ଲୁଟେରାଙ୍କୁ ଧରିବାରେ ପୋଲିସ ସଫଳ

ନିଶିନ୍ତକୋଇଲି, ୧୪/୦୩ (ଆ.ପ୍ର) : ସାଲେପୁର ଏସଡ଼ିପିଓଙ୍କ କାର୍ଯ୍ୟାଳୟ ଅଧିନ ବିଜିନ୍ନ ଥାନା ଅଞ୍ଚଳରେ ହୋଇଥିବା ଚୋରି ଘଟଣାରେ ସମ୍ପୃକ୍ତ ଆସାମୀ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ ପ୍ରଶାସନ । ଗତ ତା.୧୩.୦୩.୨୦୨୬ରିଖ ରାତ୍ରିରେ ନିଶିନ୍ତକୋଇଲି ଥାନା ଅଧିନ ଜିଗ୍ନୀପୁର ପଞ୍ଚାୟତ ମହାଜନପୁର ଗ୍ରାମ(ଥାନା ଛକ)ଠେକ ଟାଙ୍କି ସମ୍ମୁଖ ଜଟକ ରାସ୍ତାରେ ରାସ୍ତା ପାର୍ଶ୍ୱରେ ଘର କରି ରହୁଥିବା ସହଦେବ ସେନାପତିଙ୍କ ଘରେ ଚୋରି ହୋଇଥିବା ନେଇ ସହଦେବଙ୍କ ବଡ଼ଭାଇ ନାଗାୟଣ ସେନାପତି, ପିତା-ସ୍ୱର୍ଗତ ସ୍ୱପେଶ୍ୱର ସେନାପତି, ନିଶିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏଥି ପୂର୍ବରୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ବିଜିନ୍ନ ସ୍ଥାନରୁ ଚୋରି କରିଥିବା ବିଜିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ଉକ୍ତ ବ୍ୟକ୍ତିଟି ଦଳକୁ ଧରିବା ପାଇଁ ନିଶିନ୍ତକୋଇଲି, ମାହାଙ୍ଗା, ସାଲେପୁର, କିଶୋରନଗର ଆଇଆଇସି ସମେତ ଷେଣାଲ ସ୍କ୍ୱାଡ୍ ଜଟକ ଓ ଏସଡ଼ିପିଓ ସାଲେପୁରଙ୍କୁ ନେଇ ଗଢା ହୋଇଥିବା ଟିମ୍ ଦ୍ୱାରାଯେବଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଚନ୍ଦନପୁରର ମୁରଲିଧର ସ୍ୱାଇଁଙ୍କ ପୁତ୍ର ବୁଦ୍ଧିରାମ ସ୍ୱାଇଁ(ବୁଦ୍ଧିଆ)୫୭, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ନୂଆଗାଁଉ ବିଶ୍ୱ ଦାସଙ୍କ ପୁତ୍ର ବିପ୍ଳିପ ଦାସ(୩୭), ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଚଣ୍ଡିଆ ଗ୍ରାମର ଅବନି ପରିଡ଼ାଙ୍କ ପୁତ୍ର ଦେବେନ୍ଦ୍ର କୁମାର ପରିଡ଼ା(୪୮)ଙ୍କ ସମେତ ଚୋରି ସୁନାକୁ କିଣୁଥିବା ଯାଜପୁର ଥାନା ଯାଜପୁର ଟାଉନ୍ ବଡ଼ ବଜାର ଅ ଜଜ ଭାଲୁ ଦାସ ଚୋରୁମାଲଙ୍କ ପୁତ୍ର ସମ୍ପଦ ରାଓ ଭାଲୁ ଦାସ ଚୋରୁମାଲ(୪୦)ଙ୍କୁ ଗିରଫ କରିବା ସହ ଜଜ୍ଜାୟତିରେ ବ୍ୟବହୃତ ଚାର, ଲୁଜାଜି, ଡିନୋଟି ମୋବାଇଲ, ୧୦୫ଗ୍ରାମ ସୁନା ଯାହାର ଆନୁମାନିକ ମୂଲ୍ୟ ୧୫ଲକ୍ଷ, ୪୫୦ଗ୍ରାମ୍ ରୁପା ଆନୁମାନିକ ମୂଲ୍ୟ ୧.୫ଲକ୍ଷ, ନଗଦ ଅର୍ଥ ୧ଲକ୍ଷ ୧୦ହଜାର, ବୁଲ ଗୋଟି ଲାଖିଟପ୍ସ, ଜଟର, ୧କ୍ୱି ାଲ ପିତଳ ବାସନ ଜବତ କରାଯାଇଥିବା ସାଲେପୁର ଏସଡ଼ିପିଓ ବିର୍ଦ୍ଦି ନାରାୟଣ ପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ନିଶିନ୍ତକୋଇଲି ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓଙ୍କ ସମେତ ନିଶିନ୍ତକୋଇଲି ଆଇଆଇସି ଅମିତା ସାହୁ, ସବ ଜନିସପେକ୍ଟର ସ୍ୱତିରଂଜନ ସ୍ୱାଇଁ, ଏଏସଆଇ ଉଦୟ କୁମାର ଦାସ,ସାଲେପୁର ଆଇଆଇସି ମହେଶ୍ୱର ବେହେରା, କିଶୋରନଗର ଆଇଆଇସି ମାନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଜାତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଫଳତା

ଗୋପାଳପୁର, ୧୪/୦୩ (ଆ.ପ୍ର) : ବିଜୟଚିତ୍ରିତ ସତ୍ୟଭାମା ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ୩ଟମ ଆନ୍ତଃ ବିଶ୍ୱବିଦ୍ୟାଳୟ ଜାତୀୟ ଯୁବ ମହୋତ୍ସବର ଆଜି ଉତ୍ସବାପିତ ଉତ୍ସବ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ସଂଯୋଜିକା ଡ ସଦିତା ଦାଶ ଟିମ ମେନେଜର ଭାବେ ଏବଂ ବାଲିଗୁଡା ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଚରଣ ସାହୁ କଂଟିଜେଂଟ ଲନଚାର୍ଜ ଭାବେ ଯୋଗ ଦେଇଛନ୍ତି । ଏହି ସଫଳତା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁଲାନ୍ତ କୁମାର ତ୍ରିପାଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି, ସୁଗ୍ମ କୁଳସଚିବ ଡ ବାଦୁଡି ସ୍ୱାମୀ ଏବଂ ସହ କୁଳ ସଚିବ ଡ ସରୋଜ କୁମାର ଦାଶ ପ୍ରମୁଖ ଏହି ଅବସରରେ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

ମାହାଙ୍ଗା ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ପିଏମ୍ କିଷାନ ଉତ୍ସବ ଦିବସ ପାଳିତ

ମାହାଙ୍ଗା, ୧୪/୦୩ (ଆ.ପ୍ର) : ଆସାମର ଗୌହାଟି ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ନିଧିର ୨୨ତମ କିସ୍ତିର ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ସଂଗଠନ ଓ ମଣ୍ଡଳୀମାନଙ୍କରେ ଏହି କାର୍ଯ୍ୟକ୍ରମର ଉତ୍ସବ ଆୟୋଜନ କରାଯାଇଥିଲା । ଏସପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ ପିଏମ୍ କିଷାନ ଯୋଜନା ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ମାହାଙ୍ଗା ବ୍ଲକ କୃଷିସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ କୃଷକମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ଅଧ୍ୟକ୍ଷ କିଶୋର କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଏଓ ସାର୍ଥକ କୁମାର ପାଣି, ଏଓ ପ୍ରତିପ୍ରକିଶୋର ପଟ୍ଟନାୟକ, ଏଟିଏମ୍ ମାନସ ରଂଜନ ଦାସ, ନିହାର ରଂଜନ ମହାନ୍ତି, ମୋନାଲିସା ଆଚାର୍ଯ୍ୟ, ଭିଏଚବୁ ଦେବାଶିଷ ସ୍ୱାଇଁ, ରାଜେନ୍ଦ୍ର ନାଥ, ଗୀତାଞ୍ଜଳି ବେହେରା, ରଂଜନ କୁମାର ପଣ୍ଡା, ଦେବରାଜ ଜରଣ, କୃଷକସାଥୀ ସଭାପତି ମନୋରଂଜନ ଦାସ, ଲବାନୀ ଶଙ୍କର ପାତ୍ର, ଅଶୋକ କୁମାର ପରିଡ଼ା, ମାହାଙ୍ଗା ଅଂଚଳର ବହୁ ଅ ଗ୍ର ଣୀ ତା ଷୀ ମା ନେ ଯୋଗଦେଇଥିଲେ । ପିଏମ୍ କିଷାନ ଯୋଜନାରେ ୨୨ତମ କିସ୍ତି ପାଇ ଚାଷୀମାନେ ଆନନ୍ଦ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ମାହାଙ୍ଗା ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଏସଏସଡି କଲେଜର ପ୍ରିନ୍ସିପାଲ ବବିତା ବେହେରାଙ୍କ ଦବଙ୍ଗ ଗିରି
ମିଥ୍ୟା ଅସଦାଚରଣ ଅଭିଯୋଗ, ଛାତ୍ରଛାତ୍ରୀମାନଙ୍କ ପ୍ରତି ଅସଦାଚର

କଟୋଗଡ, ୧୪/୦୩ (ଆ.ପ୍ର) : ଗିଷ୍ଟ ଶୁକ୍ରବାର ଦିନ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ର ଛାତ୍ରୀ ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କ ଅଶାଳୀନ ତଥା ନିଷ୍ଠୁର ବ୍ୟବହାରରେ ଉତ୍ତଂକ୍ଷିପ୍ତ ହୋଇ ବିଦ୍ୟାଳୟ ଫାଟକ ଲଙ୍ଘା ବୁଜା କରି ରାଜରାସ୍ତାକୁ ଉଲାଇଛନ୍ତି ଛାତ୍ରଛାତ୍ରୀମାନେ । ଅନେକ ଦିନରୁ ତାଙ୍କ ପ୍ରତି ଚାପାଉଛେନ୍ନା ରହିଥିଲା ଠିକ ସମୟରେ ଶ୍ରେଣୀ ଗୃହକୁ ନଆସିବା ଭଳି ଭାବରେ ପାଠ ନପଢ଼େଇବା ଅନ୍ତେ ବାସିନି ମାନଙ୍କ ମୌଳିକ ସୁବିଧା ସୁଯୋଗ ଯୋଗାଇ ନଦେବା ତଥା ହଷ୍ଟେଲ ରେ ରହୁଥିବା ନିରାଶ୍ର ଆଦିବାସୀ ଶ୍ରେଣୀର ଛାତ୍ରୀ ମାନଙ୍କୁ ନିଜ ଘରେ ଲାମରେ ଖଟାଇବା, ରାନ୍ଧନ ଲୁଣନ ମଗାଇ କରିବା, ଡ୍ରେସ ପଶାଇ ଧୂଆ ଧୂଇ କରାଇବା ଏବଂ ସଢେଇ ପାଇଁ ନିଜ କ୍ୟାଟରରେ ବାଧ୍ୟ କରିବା । ନିଜ ଘରେ ଚିତ୍ରି ଗତ କାର୍ଯ୍ୟ ଗୁଡିକ କରାଇବା ଇତ୍ୟାଦି ଅସହ୍ୟ ଏବଂ ଅନ୍ୟାୟ କାର୍ଯ୍ୟ କରାଯା ଗୁଡିକର ବିରୋଧ କରି ଆଜି କୋଟଗଡ ମାର୍କେଟ ଠିନିଛକ ଠାରେ ଦୀର୍ଘ ଠିନି ଚାରି ଘଂଟା ରାଜରାସ୍ତାକୁ ଅବରୋଧ କରି ବିଜିନ୍ନ ଗ୍ରୁପ କାର୍ଡ ଧରି ଛାତ୍ର ଛାତ୍ରୀ ମାନେ ରାଜରାସ୍ତାକୁ ଉଲ୍ଲାଇ ଥିଲେ । ଯାହାକି ଫଳରେ ଫୁଲବଗାଣୀ ରାୟଗଡା ମୁଖ୍ୟ ରାଜ ରାସ୍ତା ରେ ବସି ଛାତ୍ର ଛାତ୍ରୀ ମାନେ ରାସ୍ତା ଜାମ ଜାରି ସ୍ଲୁଗାନ ଦେଇ କହିଥିଲେ ଆମର ଦାବି ପୂରଣ କର । ଜାନ ବାହାନ ଗୋମନା ଗୋମନ ବ୍ୟାପାର ଘଟିଥିଲା । ଏବଂ ଜନ ସାଧାରଣ, ଯାତ୍ରୀ ମାନଙ୍କ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କୋଟଗଡ ସରକାରୀ ଏସଏସଡି ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରା ଆଗରୁ ମଧ୍ୟ ଏଭଳିଆ କାର୍ଯ୍ୟ କରିଥିବାରୁ ୨ ବର୍ଷ ପୂର୍ବେ ଏହି ଏସଏସଡି ବିଦ୍ୟାଳୟର ଛାତ୍ର ଛାତ୍ରୀ ବିଦ୍ୟାଳୟ ସମ୍ମୁଖରେ ଧାଡି ହୋଇ ରାଜ ରାସ୍ତାରେ ବସି ଶ୍ଳୋକ ମଧ୍ୟ କରିଥିଲେ କିନ୍ତୁ ପ୍ରଶାସନ ଛାତ୍ରଛାତ୍ରୀଙ୍କ କଥା ଶୁଣିଥିଲେ । ଏହି ବିଦ୍ୟାଳୟରେ ଆଗରୁ ମଧ୍ୟ ଭଲ ଭଲ ଲେକଚର ଥିଲେ ଭଲ ପାଠ ମଧ୍ୟ ପଢାଉ ଥିଲେ କିନ୍ତୁ ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରା ସମସ୍ତଙ୍କୁ ଅସଦାଚରଣ ଭାଷା ଗାଳି ଗୋଳଜ କରି ଚଳାଉ ଥିଲେ ଏବଂ ଟିକେ ଜଣ ହେଲେ ରେଫ କେଣ କରିବି ବୋଲି ଚରାଉ ଥିଲେ ଲେକଚର ମାନଙ୍କୁ । ସେଥି ଯୋଗୁଁ ୪/୫ ଜଣ ଲେକଚର କିଏତ ବବନି ହୋଇ ପଳାଇଲେ କିଏତ ଚାକିରୀ ମଧ୍ୟ ଛାଡିକି ପଳାଇ ଗଲେ । ଛାତ୍ର ଛାତ୍ରୀ ମାନଙ୍କୁ କହୁଛି କୋଉ ସାମାଦିକ ମାନେ ଗା କିଏ ବି ମତେ କିଛି କରିପାରିବନି ମୋର ଡିଡବୁ ଫୁରଗଣ୍ଡା ରେ ମତେ ଫସାଇ ଛଡୁଛନ୍ତି, ମୋର କିଏ କିଛି କରିପାରିବେ ନାହିଁ ମୋର ଲମ୍ବା ହାତ ଅଛି ବୋଲି କହି ସମସ୍ତଙ୍କୁ ଚରାଉଛି । ଛାତ୍ର ଛାତ୍ରୀମାନଙ୍କୁ ପାଠ ନପଢ଼ାଇ ସବୁବେଳେ ଉଲାଉଛି ଓ ବହୁତ ଧମକ ମମକ ମଧ୍ୟ ଦେଇଛନ୍ତି । ଲଜ୍ଜ ବିଷୟ ଛାତ୍ର ଛାତ୍ରୀ ମାନେ ପ୍ରତିନିଧି ଆଗରେ ପ୍ରକାଶ କରିଛନ୍ତି । ଯାହା ଫଳରେ ଛାତ୍ର ଛାତ୍ରୀ ମାନଙ୍କ ବୟାନ ଥିଲା ଯେ ଭାର ପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କୁ ତୁରନ୍ତ ବଦଳି କରାଯାଉ ଏବଂ ନୂତନ ପ୍ରିନ୍ସିପାଲଙ୍କୁ ଏହି ବିଦ୍ୟାଳୟକୁ ଦିଆଗଲେ ଶିକ୍ଷାର ଉନ୍ନତି ହେବ ବୋଲି ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀ ମାନେ ତୁରନ୍ତ ଭାର ପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲିଖିତ ଆକାରରେ ଦରଖାସ୍ତ ହାତରେ ଧରି କୋଟଗଡ ମାର୍କେଟ ଠିନି ଛକ ଆଗରେ ଛାତ୍ର ଛାତ୍ରୀ ଧାରଣାରେ ବସିଛନ୍ତି । ଛାତ୍ର ଛାତ୍ରୀଙ୍କ ମୁଖ୍ୟ ଦାବି ହେଲା ଏହି ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କୁ ତୁରନ୍ତ ବଦଳି କରାଯାଉ । ଛାତ୍ର ଛାତ୍ରୀ ପ୍ରତିଶାଦାଗିକ ମାନସିକ ନିର୍ଯାତନା ଦେଉଥିବାରୁ ଏହି ଭାର ପ୍ରାପ୍ତ ଅଧ୍ୟକ୍ଷାଙ୍କ ପ୍ରତି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି । ଘଟଣା ସୁନକୁ କୋଟଗଡ ଥାନା ଅଧିକାରୀ ସମିତ ସ୍ୱାଇଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାସରେ ଫିଂ ଏବଂ ଚକସିଦବାର ଜଳମାଳ ମାଝୀ ଘଟଣା ସ୍ଥଳକୁ ଆସି ଛାତ୍ର ଛାତ୍ରୀ ମାନଙ୍କୁ ବୁଝା ସୁଝା କରିଥିଲେ । ଏବଂ ପ୍ରତିଶ୍ରୁତି ଦେଇଥିଲେ ଯେ ଭାରପ୍ରାପ୍ତ ଅଧ୍ୟକ୍ଷା ବବିତା ବେହେରାଙ୍କୁ ବଦଳି କରାଯିବ ବୋଲି ପ୍ରତି ଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ଦେବ ପରେଛିଣ୍ଡି ସମୟ ପରେ ଛାତ୍ର ଛାତ୍ରୀ ମାନେ ରାଜ ରାସ୍ତାରୁ ଉଠିଥିଲେ ଏବଂ ଦୁଇଦିନ ମଧ୍ୟରେ ବବିତା ବେହେରାଙ୍କୁ ବଦଳି କରାଜାଇ ଗଲେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ଓ କୋଟଗଡ ବୁଲ ଗଣି ମାନେ ମିଳିତ ଭାବରେ ରାଜ ରାସ୍ତାକୁ ଉଲ୍ଲାଇ ଆନ୍ଦଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି ।

ରାମକୃଷ୍ଣ ଦାସଙ୍କ ମୃତ୍ୟୁରେ ଶୋକର ଛାୟା

ବାଲିଗୁଡ଼ା,୧୪/୦୩ (ଆ.ପ୍ର) :ବାଲିଗୁଡ଼ାର ବିଶିଷ୍ଟ ବ୍ୟକ୍ତି ରାମକୃଷ୍ଣଦାସଙ୍କ ୮୭ ବର୍ଷ ହୋଇଥିଲା । ସେ ଜଣେ ଶିକ୍ଷକ ସହ ସମାଜସେବୀ ଥିଲେ । ତାଙ୍କର ମୃତ୍ୟୁ ସମୟରେ ତିନି ପୁତ୍ର ଉପସ୍ଥିତ ଥିଲେ । ଶୋକର ଖବର ଶୁଣି ସମସ୍ତ ବାଲିଗୁଡ଼ାରେ ଶୋକର ଛାୟା ଘେରିଯାଇଛି । ଆସନ୍ତାକାଲି ତାଙ୍କରି ଦିୟୋଗରେ ବଣିକ ସଂଘ ତରଫରୁ ଦୋକାନ ବନ୍ଦାର ବନ୍ଦ କରାଯିବ ସେ ବିଜିନ୍ନ ମହିଳ ଓ ସଂଘର ପଦପଦବୀରେ ଗଢି ଆସିଥିଲେ । ସେ ଭୁବନେଶ୍ୱର ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ ।

ଖୁଲିସ ଗ୍ରାମରେ ବାର୍ଷିକ ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ

ନିମାପଡା, ୧୪/୦୩ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ବାହାରଣୀ ପଂଚାୟତ ଖୁଲିସ ଗ୍ରାମରେ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଷ୍ଟମ ପ୍ରହରୀ ପାଇଁ ସ୍ୱତନ୍ତ୍ର ପ୍ରୋସେସନରେ କଳସ ଯାତ୍ରା ଜଗାୟାଇ କଳସ ଧାରୀ ମାନେ କଳସ ଆଣି କୁଣ୍ଡରେ ସ୍ଥାପନ କରିଥିଲେ । ଏହି ଅଷ୍ଟମ ପ୍ରହରୀ ରେ କର୍ତା ଭାବେ ପ୍ରଶାନ୍ତ କୁମାର ସାହୁ ଓ କର୍ତି ଭାବେ କଳ୍ପନା ସାହୁ ପୂଜା କର୍ମରେ ବସିଥିବା ବେଳେ ପୂଜକ ବାଗୁପୁରେଦ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମ ମନ୍ଦିର ପୂଜକ ସୁଳାନ୍ତ ପଣ୍ଡା (ଗାଣ୍ଡୁ ଭାଇନା) ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ଏହି ଅଷ୍ଟମ ପ୍ରହରୀ ୩ ଦିନ ଧରି ତାରିଖ ବୋଲି ଅନୁଷ୍ଠାନ ପକ୍ଷରୁ ଜୁଆଯାଇଛି । ଏହି ଅଷ୍ଟମ ପ୍ରହରୀ କାର୍ଯ୍ୟକ୍ରମରେ ଗ୍ରାମର କେଦାରେଶ୍ୱର ପ୍ରଧାନ, ଶ୍ରୀତୁତ ମଲ୍ଲ, ପରେସ ଲୋଳ, ରମେଶ ମଲ୍ଲ, ଦେଖୁଥର ଖଟୋଇ, ବସନ୍ତ କୁମାର ମଲ୍ଲ, ବଟକୃଷ୍ଣ ମଲ୍ଲ, କୈଳାସ ଚନ୍ଦ୍ର ଲୋଳ, ପବିତ୍ର ପ୍ରଧାନ, ରମେଶ ପ୍ରଧାନ, ରଞ୍ଜନ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ । ବିଜିନ୍ନ ଅଂଚଳରୁ ଶତାଧିକ ଉକ୍ତ ଆଦି ଦାମ ଧିଧ ଜାତି ପରିବାର ସହିତ ବିଶ୍ୱର ମଙ୍ଗଳ କାମନା କରିଥିଲେ । ନାମ, କୀର୍ତ୍ତନ, ହରିବୋଲ ହୁଳହୁଳିରେ ଗାଁ ଜାଁମିଉଠିଥିଲା ।

ବାଲିଗୁଡ଼ା ଓକିଲ ସଂଘ ନିର୍ବାଚନ : ସଭାପତି ପଦ ପାଇଁ ପ୍ରାର୍ଥୀ ଓହରିଲେ : ୮ ଜଣ କାଏମ ରହିଲେ



ବାଲିଗୁଡ଼ା, ୧୪/୦୩ (ଆ.ପ୍ର) : ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତା ଓ କାର୍ଯ୍ୟକାରୀ କମିଟି ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ତାରିଖ ଦିନ ଧାର୍ଯ୍ୟ କରାଯାଇଛି । ସଭାପତି ପଦବୀ ନିମନ୍ତେ ଟି. ହରିଶ୍ଚନ୍ଦ୍ର ରାଓ ଏବଂ ଲୟୋଦର ପଣ୍ଡା, ଉପସଭାପତି ପଦବୀ ନିମନ୍ତେ ରାମକୃଷ୍ଣ ଦାସ, ଓ ରାମଚନ୍ଦ୍ର ସିଂ ପାତ୍ର, ସମ୍ପାଦକ ପଦବୀ ନିମନ୍ତେ ଅନିଲ କୁମାର ଦାସ, ସହ ସମ୍ପାଦକ ପଦବୀ ନିମନ୍ତେ ନୀଳାଦ୍ରି କେଶରୀ ସାହାଣୀ, ଏବଂ କୋଷାଧକ୍ଷ ପଦବୀ ନିମନ୍ତେ ମାନସ ରଞ୍ଜନ ପଣ୍ଡା ଦାଖଲ କରିଥିବା ବେଳେ ଲାଇବ୍ରେରୀ ସମ୍ପାଦିକା ନିମନ୍ତେ ନିବେଦିତା ମଲ୍ଲିକ, ଏବଂ ସହକାରୀ ଲାଇବ୍ରେରୀ ସମ୍ପାଦିକା ପଦବୀ ନିମନ୍ତେ ତନ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୫ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ବିସିସିଆଇର ନମନ ପୁରସ୍କାର ଘୋଷଣା : ଶୁଭମନ ଗିଲ୍ ସର୍ବଶ୍ରେଷ୍ଠ ଅନ୍ତରାଷ୍ଟ୍ରୀୟ କ୍ରିକେଟର

ନୂଆଦିଲ୍ଲୀ, ୧୪/୩(ନ୍ୟୁ.ଏ): ନମନ ପୁରସ୍କାର-୨୦୨୬ ଘୋଷଣା କଲା ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ । ଶୁଭମନ ଗିଲ୍ ସର୍ବଶ୍ରେଷ୍ଠ ଅନ୍ତରାଷ୍ଟ୍ରୀୟ କ୍ରିକେଟର । ଟେଷ୍ଟ ଏବଂ ଓ୍ୱାନଡେ ଚ୍ୟାମ୍ପିୟନ ଶୁଭମନ ଗିଲଙ୍କୁ ବିସିସିଆଇର ପ୍ରତିଷ୍ଠିତ କ୍ରିକେଟର ଅଫ ଦ ଇଅର ପୁରସ୍କାରରେ ସମ୍ମାନିତ କରାଯିବ । ସେହିପରି ସ୍ମୃତି ମନ୍ଧାନାଙ୍କୁ ସର୍ବଶ୍ରେଷ୍ଠ ମହିଳା କ୍ରିକେଟର ଭାବେ ପୁରସ୍କୃତ କରାଯିବ । ମାର୍ଚ୍ଚ ୧୫ରେ ନୂଆଦିଲ୍ଲୀରେ ଏକ ଭବ୍ୟ ସମାରୋହରେ ସେମାନଙ୍କୁ ସମ୍ମାନିତ କରାଯିବ । ଶୁଭମନ ଗିଲ୍ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଜିତିଛନ୍ତି । ଏହା ପୂର୍ବରୁ ୨୦୨୩ରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତେବେ ସଚିନ ତେନ୍ଦୁଲକର ଏବଂ ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ଦୁଇ ଦୁଇ ଥର ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । କୋହଲିଙ୍କୁ ସାତ ଥର ବିସିସିଆଇ କ୍ରିକେଟର ଅଫ୍ ଦି ଇୟର ଭାବରେ ସମ୍ମାନିତ କରାଯାଇଛି । ରୁମାରା ତିନି ଥର ଏହି ପୁରସ୍କାର ଜିତିଛନ୍ତି ।୨୬ ବର୍ଷୀୟ ଶୁଭମନ ୨୦୨୫ରେ ଟେଷ୍ଟ ଏବଂ ଏକ ଦିବସୀୟ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଥିଲେ । ତଥାପି ତାଙ୍କୁ ଟି-୨୦ ବିଶ୍ୱକପ୍ ରେ ସାମିଲ କରାଯାଇ ନଥିଲା । ତଥାପି ଅନ୍ୟ ଦୁଇଟି ଫର୍ମାଟରେ ତାଙ୍କର ପ୍ରଦର୍ଶନ ବହୁତ ଦୃଢ଼ ଥିଲା । ଶୁଭମନ ଗତବର୍ଷ ଟେଷ୍ଟ କ୍ରିକେଟରେ ଚମତ୍କାର ବ୍ୟାଟିଂ କରିଥିଲେ ଏବଂ ୯୮୩ ରନ କରିଥିଲେ । ବିସିସିଆଇ ପୂର୍ବତନ କ୍ରିକେଟର ରୋଜର ବିନ୍ନି ଏବଂ ରାହୁଲ ଦ୍ରାବିଡ଼୍‌ଙ୍କୁ କର୍ଣ୍ଣାଟକ ସି.କେ.ନାୟୁଡୁ ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରିବ । ମହିଳା କ୍ରିକେଟରେ ବଡ଼ ଅବଦାନ ପାଇଁ ମିତାଲି ରାଜଙ୍କୁ ସମ୍ମାନିତ କରାଯିବ । ବିନ୍ନି ପୂର୍ବତନ ବିସିସିଆଇ ସଭାପତି ଥିଲେ । ସେହିପରି ଭ୍ରାବିତଙ୍କ କାର୍ଯ୍ୟକାଳରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିଥିଲା ।

ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ: ଇଟାଲୀକୁ ୧-୦ରେ ହରାଇ ଫାଇନାଲ୍‌ରେ ଭାରତ

ହାଇଦ୍ରାବାଦ, ୧୪/୩(ନ୍ୟୁ.ଏ): ଚଳିତ ଏଫ୍‌ଆଇଏଚ୍ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍ ଲାଇନ୍ ଅପ୍ ବୃତ୍ତାନ୍ତ ହୋଇଛି । ଆସନ୍ତାକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଫାଇନାଲ୍ ମୁକାବିଲା ଖେଳାଯିବ । ସେମି ଫାଇନାଲ୍‌ରେ ଭାରତ ୧-୦ ଗୋଲ୍‌ରେ ଜର୍ମାନୀକୁ ଏବଂ ଇଂଲଣ୍ଡ ୨-୦ ଗୋଲ୍‌ରେ ସ୍ପେନକୁ ପରାସ୍ତ କରିଥିଲା । ପୂର୍ବରୁ ଭାରତ ସେମି ଫାଇନାଲ୍‌ରେ ପ୍ରବେଶ କରିବା ସହ ଆଗାମୀ ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରି ସାରିଥିଲା । ମାତ୍ର ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା ରହିଥିଲା । ଏଫ୍‌ଆଇଏଚ୍ ନିୟମ ଅନୁଯାୟୀ, ହାଇଦ୍ରାବାଦ ଓ ସାଂଟିଆଗୋ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଂଟରୁ ମୋଟ ୭ଟି ଦଳ ବିଶ୍ୱକପ୍ ଟିକେଟ୍ ହାସଲ କରିବେ । ଉଭୟ ପର୍ଯ୍ୟାୟର ପ୍ରଥମ ୩ଟି ସ୍ଥାନରେ ଥିବା ଦଳ ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀ ଚତୁର୍ଥ ସ୍ଥାନ ଦଳକୁ ଟିକେଟ୍ ପ୍ରଦାନ କରାଯିବ । ପୂର୍ବରୁ ସାଂଟିଆଗୋରେ ଚିଲି, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଯୋଗ୍ୟତା ଅର୍ଜନ କରିଥିଲେ । ସେହିପରି ହାଇଦ୍ରାବାଦରେ ଭାରତ ଓ ଇଂଲଣ୍ଡ ଯୋଗ୍ୟତା ହାସଲ କରିଛନ୍ତି । ଶୁକ୍ରବାର ଭାରତ-ଇଟାଲୀ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା । ମନୀଷା ଚୌହାନଙ୍କ ଏକମାତ୍ର ଗୋଲ୍ ବଳରେ ଦଳ ଫାଇନାଲ୍‌ରେ ପ୍ରବେଶ କରିଥିଲା । ପ୍ରଥମ କ୍ୱାର୍ଟର ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଭାରତ ଆକ୍ରମଣକୁ ତୀବ୍ରତର କରିଥିଲା । ଏହି ଭାଗରେ ଦଳ ୩ଟି ପେନାଲ୍ଟି ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ସମସ୍ତ ପ୍ରୟାସ ବିଫଳ ଯାଇଥିଲା । ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତୀୟ ଖେଳାଳି ଜୋରଦାର ଆକ୍ରମଣ କରିଥିଲେ । ଶେଷରେ ୪୦ମିନିଟ୍‌ରେ ଦଳ ଗୋଲ୍ ଖାତା ଖୋଲିଥିଲା । ମନୀଷା ପେନାଲ୍ଟି ସୁଯୋଗକୁ ଗୋଲ୍ ରୂପ ଦେବାରେ ଆଦୌ ଅତହେନା କରିନଥିଲେ । ଭାରତ ୧-୦ରେ ଆଗେଇ ଥିଲା । ଏହି ଭାଗରେ ଶେଷ ଆଡ଼କୁ ଦଳ ଆଉ ୨ଟି ପେନାଲ୍ଟି ସୁଯୋଗର ହାତଛଡ଼ା କରିଥିଲା । ଚତୁର୍ଥ କ୍ୱାର୍ଟରରେ ଭାରତ ଆଉ ୨ଟି ପେନାଲ୍ଟି ସୁଯୋଗ ପାଇଥିଲା ଏବଂ ତାହା ବିଫଳ ଯାଇଥିଲା । ୫୯ମିନିଟ୍‌ରେ ଇଟାଲୀକୁ ଏକ ପେନାଲ୍ଟି ମିଳିଥିଲା । ଦଳ ନିଜଘରେ ସ୍ଥିତି ବରାବର କରିବାର ସୁଯୋଗ ଥିଲେ ମଧ୍ୟ ଏହାକୁ ଗୋଲ୍ ରୂପ ଦେବାରେ ବିଫଳ ହୋଇଥିଲା । ଭାରତ ୧-୦ରେ ବିଜୟୀ ହୋଇ ଫାଇନାଲ୍‌ରେ ସ୍ଥାନ ପକ୍କା କରିଥିଲା ।

ନିଶାମୁକ୍ତ ପଞ୍ଜାବ ଗଢ଼ିବାକୁ ବିଜେପିକୁ ଗୋଟିଏ ସୁଯୋଗ ଦିଅ: ଅମିତ ଶାହ

ମୋଗା, ୧୪/୩(ନ୍ୟୁ.ଏ): ପଞ୍ଜାବରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ଏବେଠାରୁ ରାଜ୍ୟରେ ପ୍ରଚାର ଅଭିଯାନ ଆରମ୍ଭ କରିଦେଇଛି । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଶନିବାର ଏଠାରେ ପ୍ରଚାର ଅଭିଯାନ ଆରମ୍ଭ କରି ଲୋକମାନଙ୍କୁ ୨୦୨୭ ବିଧାନସଭା ନିର୍ବାଚନରେ ବିଜେପିକୁ କ୍ଷମତାକୁ ଆଣିବାକୁ ନିବେଦନ କରିଛନ୍ତି । ଶାହ କହିଛନ୍ତି, ଯଦି ପଞ୍ଜାବକୁ ଜେଡି ନିଶାମୁକ୍ତ କରିପାରନ୍ତି ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ଦଳ । ଆଜି ପଞ୍ଜାବ ଉଣଗ୍ରସ୍ତ, ଗ୍ରସ୍ତ, ଧର୍ମାନ୍ତରୀକରଣ, ଦୁର୍ନୀତି ଓ ଗାଙ୍ଗଷ୍ଟରଙ୍କ ଆତଙ୍କରେ ପୀଡ଼ିତ । ମୋଗାର କିଲି ଚାହଲାନ୍ ଗାଁରେ 'ପରିବର୍ତ୍ତନ' ରାଲିକୁ ସମ୍ବୋଧିତ କରି ଶାହ କହିଛନ୍ତି, ପଞ୍ଜାବର ଲୋକମାନେ କଂଗ୍ରେସ ପାର୍ଟି, ଅକାଳି ଦଳ ଓ ଆମ ଆଦମୀ ପାର୍ଟିକୁ ଅନେକ ସୁଯୋଗ ଦେଇଛନ୍ତି । ଏବେ ସେମାନେ ବିଜେପିକୁ ଗୋଟିଏ ସୁଯୋଗ ଦେବେ କି ? ଆମେ ପଞ୍ଜାବରେ ପରିବର୍ତ୍ତନ ଆଣିବୁ । ଶାହ କହିଛନ୍ତି, ଲଗାତର ମାନଙ୍କ ସରକାର ଦୁର୍ନୀତିରେ ବୁଡ଼ି ରହିଛି । ଏହା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ 'ଏଟିଏମ୍'ରେ ପରିଣତ ହୋଇଛି । ଶାହ କହିଛନ୍ତି, ୨୦୨୭ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ମୋଗାରୁ ବିଜେପି ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି ।

ପିଏସଏଲ୍‌ରୁ ଓହରିଲେ ମୁଜରବାନି, ଆଗାମୀ ଆଇପିଏଲ୍‌ରେ କେକେଆର ପକ୍ଷରୁ ଖେଳିବେ

କୋଲକାତା, ୧୪/୩(ନ୍ୟୁ.ଏ): ଆଗାମୀ ଆଇପିଏଲ୍ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଜିୟାଉଦ୍ଦେ ପେସ୍ ବୋଲର ଟ୍ରେସିଂ ମୁଜରବାନିଙ୍କ ସହ ଚୁକ୍ତି କରିଛି । ଫଳରେ ସେ ପିଏସଏଲରୁ ଓହରି ଯିବାକୁ ନିଶ୍ଚିତି ନେଇଛନ୍ତି । ଗତ ଟି-ଟ୍ୱେଂଟି ବିଶ୍ୱକପ୍‌ରେ ୧୩ଟି ୱିକେଟ୍ ଅଭିଆର କରିଥିବା ମୁଜରବାନି ଆଗାମୀ ସିଜନରେ ଇସଲାମାବାଦ ୟୁନାଇଟେଡ୍ ପକ୍ଷରୁ ଖେଳିବାର ଥିଲା । ମାତ୍ର ନାଇଟ ରାଇଡର୍ସ ତାଙ୍କୁ ଚୁକ୍ତି କରିଥିବା ଘୋଷଣା କରିଛି । ଯାହା ଫଳରେ ସେ ପିଏସଏଲ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ନାଇଟ୍ ରାଇଡର୍ସ ଗତ ନିଲାମରେ ବାଂଲାଦେଶର ମୁସ୍ତାଫିଜୁର ରେହମାନଙ୍କୁ କିଣିଥିଲା । ପରବର୍ତ୍ତୀ ସମୟରେ ଉଭୟ ଦେଶ ମଧ୍ୟରେ ଉତ୍ପନ୍ନିଥିବା ରାଜନୈତିକ ବିବାଦକୁ ନେଇ ବିସିସିଆଇର ନିର୍ଦ୍ଦେଶ କ୍ରମେ ନାଇଟ୍ ରାଇଡର୍ସ ମୁସ୍ତାଫିଜୁରଙ୍କୁ ବିଦା କରିଥିଲା । ସେବେଠୁ ଉକ୍ତ ସ୍ଥାନ ଖାଲି ପଡ଼ିଥିଲା । ମୁଜରବାନି ପୂର୍ବରୁ ମୁଲତାନ ସୁଲତାନ ପକ୍ଷରୁ ପିଏସଏଲ ଖେଳିଥିଲେ ଓ ଦଳକୁ ଚାମ୍ପିଅନ କରାଇଥିଲେ । ଏଥର ନିଲାମରେ ତାଙ୍କୁ କୌଣସି ଫ୍ରାଂଚାଇଜ କିଣି ନଥିଲେ । ପରେ ଇସଲାମାବାଦ ଦଳରୁ ଷ୍ଟେଷ୍ଟ ଇକ୍ୱିଜ ପେସ୍ ବୋଲର ସମର ଯୋଶେଫ ଓହରି ଯିବା ଫଳରେ ତାଙ୍କ ସ୍ଥାନରେ ମୁଜରବାନିଙ୍କୁ ଚୁକ୍ତି କରାଯାଇଥିଲା । ଏକ ସମୟରେ ପିଏସଏଲ ଓ ଆଇପିଏଲ୍ ଖେଳାଯାଇଥିବାରୁ ମୁଜରବାନି ବାଧ୍ୟ ହୋଇ ପିଏସଏଲ ଛାଡ଼ିଛନ୍ତି । ୨୬ ତାରିଖରୁ ପିଏସଏଲ ଓ ୨୮ ତାରିଖରୁ ଆଇପିଏଲ ଆରମ୍ଭ ହେବ । ଆଗାମୀ ସିଜନ ପୂର୍ବରୁ ମୁଜରବାନି ଦ୍ୱିତୀୟ ଖେଳାଳି ଭାବେ ପିଏସଏଲରୁ ଓହରିଛନ୍ତି । ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକା ପେସ୍ ବୋଲର କର୍ବିନ ବସ୍ଚ ପେଶାଓ୍ୱର ଜଲମୀ ଦଳରୁ ଓହରି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଛନ୍ତି ।

ଯଶପ୍ରୀତ ବୁମ୍ରାଙ୍କୁ ନେଇ ପାକିସ୍ତାନ ଚୟନକର୍ତ୍ତାଙ୍କ ବିତଣ୍ଡା ତୁଳନା

ନୂଆଦିଲ୍ଲୀ, ୧୪/୩(ନ୍ୟୁ.ଏ): ପାକିସ୍ତାନ କ୍ରିକେଟ ଟିମର ଚୟନକର୍ତ୍ତା ଆକିବ ଜାଭେଦଙ୍କ ବିତଣ୍ଡା ତୁଳନା । ଭାରତୀୟ ଟିମର ଦ୍ରୁତ ବୋଲର ତଥା ବିଶ୍ୱର ପୂର୍ବତନ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ସେ ପାକିସ୍ତାନର ଜିନ୍ନ ବୋଲର ଉସମାନ ତାରିକଙ୍କ ସହ ତୁଳନା କରିଛନ୍ତି । ସେ ଯଶପ୍ରୀତ ବୁମ୍ରାଙ୍କୁ ଉସମାନ ତାରିକଙ୍କ ଦ୍ରୁତ ବୋଲିଂ ଲାଇନ ବୋଲି କହିଛନ୍ତି । ଭାରତ ନିକଟରେ ଟି-୨୦ ବିଶ୍ୱକପ ରେକର୍ଡ ଥର ପାଇଁ ଜିତିଥିବା ବେଳେ ବୁମ୍ରା ଟୁର୍ଣ୍ଣାମେଂଟରେ ସର୍ବାଧିକ ୱିକେଟ ନେଇଥିଲେ । ଉଭୟ ବରୁଣ ଚକ୍ରବର୍ତ୍ତୀ ଓ ବୁମ୍ରା ୧୪ଟି ଲେଖାଏ ଟି-୨୦ ବିଶ୍ୱକପରେ ୬ଟି ମ୍ୟାଚ୍ ଖେଳି ୧୦ଟି ୱିକେଟ ନେଇଥିଲେ । ଜାଭେଦ କହିଛନ୍ତି, "ଆଜିର ଯୁଗରେ, ପୂରା ବିଶ୍ୱକପରେ ବୁମ୍ରାଙ୍କ ଲଢ଼ି କେବଳ ଜଣେ ବୋଲର ରହିଛନ୍ତି । ଲାଉଣ ସେ ସଂପୂର୍ଣ୍ଣ ଜିନ୍ନ । ସେ ସାଧାରଣ ବୋଲର ନୁହନ୍ତି । ଏପରି କି ତାଙ୍କ ବୋଲିଂ ଶୈଳୀ ମଧ୍ୟ ନିଆରା । ଯେତେବେଳେ ସେ ବୋଲିଂ କରିବାକୁ ଆସନ୍ତି ସେତେବେଳେ ମୁଁ କହିଥାଏ ଯେ ସେ ଉସମାନ ତାରିକଙ୍କ ଦ୍ରୁତ ବୋଲିଂ ଲାଇନ । ସେ ଏତେ ଲୋଚରରେ ଓ ନିଆରା ଶୈଳୀରେ ବୋଲିଂ କରୁଥିବାରୁ ଜଣେ ବ୍ୟାଟର କେବେ ହେଲେ ବି ନିଜର ଲୟ ତାଙ୍କ ବିରୋଧରେ ହାସଲ କରିପାରନ୍ତି ନାହିଁ । ଗୋଟିଏ ବାକ୍ୟରେ କହିଲେ ସେ ବ୍ୟାଟରଙ୍କୁ ଲୟ ହାସଲ କରିବାକୁ ଅନୁମତି ଦିଅନ୍ତି ନାହିଁ ।" ଜାଭେଦ ଆହୁରି କହିଛନ୍ତି ଯେ "ବାଇ(ବୁମ୍ରା) ବ୍ୟତୀତ ପୂରା ବିଶ୍ୱକପରେ ଯେଉଁଶିଶି ଦଳର ଏମିତି ଜଣେ ବୋଲରଙ୍କ ନାଁ କୁହନ୍ତୁ ଯାହାଙ୍କୁ ଦେଖିଲେ ଆପଣ କହିବେ ଯେ ତାଙ୍କ ଭିତରେ ଖାସିମ ଆକ୍ରମ, ୱାକର ୟୁନିସ କିମ୍ବା ସେହି ସ୍ତରର ବୋଲରଙ୍କ ଝଲକ ରହିଛି । ଆପଣ ସେଭଳି ଜଣଙ୍କୁ ମଧ୍ୟ ପାଇବେ ନାହିଁ ।" ଚଳିତ ବିଶ୍ୱକପ ଫାଇନାଲରେ ବୁମ୍ରା ୪ ଓଭରରେ ୧୫ ରନ ଦେଇ ୪ ୱିକେଟ ଦଖଲ କରିଥିଲେ । ଏହାପରେ ସେ ବିଶ୍ୱକପ ଇତିହାସରେ ସର୍ବାଧିକ ୱିକେଟ ଦଖଲକାରୀ ଦୁଇ ବୋଲର ବନି ଯାଇଛନ୍ତି । ତାଙ୍କ ପୂର୍ବରୁ ରସିଥ ମାଲିଙ୍গା ୫ ଅନତିର ନୋଶ୍ଚୟ ୩୮ଟି ୱିକେଟ ନେଇଥିଲେ ।

ଯୁଦ୍ଧରେ ଫସିଯିବ ଫିଫା ବିଶ୍ୱକପ୍ : ଆମେରିକା ନଆସିବାକୁ ଟ୍ରମ୍ପଙ୍କ ଚେତାବନୀ

ଲଣ୍ଡନ, ୧୪/୩(ନ୍ୟୁ.ଏ): ଆଗାମୀ ଫିଫା ବିଶ୍ୱକପ୍ ଉପରେ ଲୋବଦାର ପ୍ରଭାବ ପକାଇବାକୁ ଯାଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ । ବିତାଳର୍ଷକ ପ୍ରଦର୍ଶନ ଦଳରେ ଷୋଡ଼ଶ ସଳଗ ଯୋଗ୍ୟତା ଅର୍ଜନ କରିଥିବା ଇରାନ ଫୁଟବଲ୍ ଦଳ ଆଗାମୀ ଫିଫା ବିଶ୍ୱକପରେ ଭାଗ ନେବା ନେଇ ଆଶଙ୍କା ଲାଗି ରହିଛି । କାରଣ କାନାଡ଼ା ଓ ମେକ୍ସିକୋ ସହ ଆମେରିକା (ୟୁଏସଏ) ମଧ୍ୟ ଏଥର ବିଶ୍ୱକପ୍‌ର ସହ ଆୟୋଜକ ରହିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ଦିନଠୁ ବିଶ୍ୱକପ୍‌ରେ ଇରାନର ଅଂଶ ଗ୍ରହଣକୁ ନେଇ ଆଲୋଚନା ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି । ବିଶ୍ୱକପ୍‌ରେ ଭାଗ ନେବା ଭଳି ପରିସ୍ଥିତିରେ ନଥିବା ଇରାନର ଜାତୀୟ ଫୁଟବଲ୍ ଦଳ କଡ଼ା ପ୍ରତ୍ୟୁତ୍ତର ଦେବାକୁ ପଛାଇ କରିଥିଲା । କାରଣ ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ଇରାନର ଅନେକ ଫୁଟବଲ୍ ଷ୍ଟାଡ଼ିୟମ ଧ୍ୱଂସ ହୋଇ ଯାଇଛି । ଇରାନ ଦଳ ଅଭ୍ୟାସ କରିବା ଭଳି ସୁରକ୍ଷିତ ସ୍ଥାନର ଅଭାବ ରହିଛି । ଏଥି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ମନ୍ତବ୍ୟ ଇରାନ୍‌ର ଆତ୍ମବିଶ୍ୱାସ ବଢ଼ାଇ ଦେଇଛି । ଟ୍ରମ୍ପ ନିଜ ସୋସିଆଲ ମିଡ଼ିଆ ପୃଷ୍ଠାରେ ଲେଖିଛନ୍ତି, 'ଇରାନ ଫୁଟବଲ୍ ଦଳକୁ ଆମେ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ସହୃଦୟ ସ୍ୱାଗତ କରିବୁ । କିନ୍ତୁ ମୋ ମତରେ ସେମାନେ ନିଜର ସୁରକ୍ଷାକୁ ନେଇ ଏଠାକୁ ନ ଆସିବା ଠିକ୍ ହେବ ।' ଟ୍ରମ୍ପଙ୍କ ଏଇଭଳି ମନ୍ତବ୍ୟରେ ଖୁବ୍ ଇରାନ ଜାତୀୟ ଫୁଟବଲ୍ ଦଳ କଡ଼ା ପ୍ରତ୍ୟୁତ୍ତର ଦେବାକୁ ପଛାଇ ନାହିଁ । ଇରାନ ଫୁଟବଲ୍ ଦଳ ପକ୍ଷରୁ କୁହାଯାଇଛି, 'ଇରାନ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛି । ବିଶ୍ୱକପ୍‌କୁ ଫିଫା ଆୟୋଜନ କରୁଛି । କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ବ୍ୟକ୍ତି ବିଶ୍ୱକପ୍ ଆୟୋଜନ କରୁ ନାହାନ୍ତି । ତେଣୁ ଇରାନକୁ କେହି ବିଶ୍ୱକପ୍‌ରେ ଭାଗ ନେବାରୁ ଅଟକାଇ ପାରିବେ ନାହିଁ । ଯଦି ଆୟୋଜକ ଦେଶ କୌଣସି ପ୍ରତିଯୋଗୀ ଦେଶକୁ ସୁରକ୍ଷା ଯୋଗାଇ ପାରିବ ନାହିଁ, ତେବେ ଉକ୍ତ ଆୟୋଜକ ଦେଶର ଦାୟିତ୍ୱ ଉପରେ ପ୍ରଶ୍ନ ଉଠିବା ଅବଶ୍ୟକ ।' ପରେ ଟ୍ରମ୍ପ ଆଉ ଏକ ପୋଷ୍ଟ କରିଆରେ ଉଲ୍ଲେଖ କରିଥିଲେ, 'ଆୟୋଜକ ଦେଶ ଭାବେ ଆଗାମୀ ଫିଫା ବିଶ୍ୱକପକୁ ସଫଳତାର ସହ ଆୟୋଜନ କରିବାକୁ ଆମେରିକା ପ୍ରସ୍ତୁତ ରହିଛି । ପ୍ରତ୍ୟେକ ଦଳକୁ ଶ୍ରେଷ୍ଠ ସୁରକ୍ଷା ଯୋଗାଇବାକୁ ଆମେରିକା ଅପେକ୍ଷା କରିଛି । ସୂଚନାଯୋଗ୍ୟ, ଜୁନ ୧୧ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବ । ଇରାନ ଗ୍ରୁପ୍ ଜି'ରେ ସ୍ଥାନ ପାଇଛି । ଏହି ଗ୍ରୁପ୍‌ରେ ଅନ୍ୟ ଦଳ ଭାବେ ନ୍ୟୁଜିଲାଣ୍ଡ, ବେଲଜିୟମ୍ ଓ ଇଜିପ୍ଟ ସ୍ଥାନ ପାଇଛନ୍ତି । ଇରାନ ଦଳ ଜୁନ ୧୫ରେ ନ୍ୟୁଜିଲାଣ୍ଡ ଓ ୨୧ ତାରିଖରେ ବେଲଜିୟମ୍‌କୁ ଭେଟିବ । ଉଭୟ ମ୍ୟାଚ୍ ଲସ ଏଞ୍ଜେଲ୍‌ସରେ ଖେଳାଯିବ । ଦଳ ୨୬ ତାରିଖରେ ସିଟିଲରେ ଇଜିପ୍ଟକୁ ସାମ୍ନା କରିବ । ଗତ ମାସ ୨୮ ତାରିଖରେ ଆମେରିକା ଓ ଲଣ୍ଡନ ମିଳିତ ଭାବେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିବା ଦିନଠୁ ବିଶ୍ୱକପ୍‌ରେ ଇରାନ ଭାଗ ନେବା ନେଇ ଆଶଙ୍କା ଦେଖା ଦେଇଛି । କିଛି ଦିନ ତଳେ ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ ଦୋନ୍ୟାମାଲି କହିଥିଲେ, ଆମେ ବର୍ତ୍ତମାନ ବିଶ୍ୱକପ ଖେଳିବା ଭଳି ମାନସିକ ସ୍ଥିତିରେ ନାହିଁ । ସେମାନେ ଆମ ଉପରେ ଆକ୍ରମଣ କରିଛନ୍ତି ଓ ଆମ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ହତ୍ୟା କରିଛନ୍ତି ।

ବିଧାନସଭାରେ ଧର୍ମାନ୍ତରୀକରଣ ବିରୋଧୀ ବିଲ୍ ଆଗତ କଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ, ୧୪/୩(ନ୍ୟୁ.ଏ): ମହାରାଷ୍ଟ୍ରରେ ଧର୍ମାନ୍ତରୀକରଣ ରୋକିବାକୁ ବଡ଼ ପଦକ୍ଷେପ ନେଇଛନ୍ତି ବିଜେପି ନେତୃତ୍ୱାଧୀନ ମହାଯୁତି ସରକାର । ମହାରାଷ୍ଟ୍ର ସରକାର ଶୁକ୍ରବାର ବିଧାନସଭାରେ ଧର୍ମାନ୍ତରୀକରଣ ବିଲ୍ ଆଗତ କରିଛନ୍ତି । ଏଥିରେ ୭ ବର୍ଷ ଜେଲ ଦଣ୍ଡାଦେଶ ସହିତ ୫ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ମଧ୍ୟ ରହିଛି । ଦ୍ୱିତୀୟ ଥର ଏପରି ଜଲେ ୧୦ ବର୍ଷ ଜେଲ ଦଣ୍ଡ ସହିତ ୧୦ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି । ବିଲ୍ ଉପରେ ଆସନ୍ତା ସୋମବାର ବିଧାନସଭାରେ ଆଲୋଚନା ହେବ । ଧର୍ମାନ୍ତରୀକରଣ ବିରୋଧୀ ବିଲ୍ ଅନୁଯାୟୀ, ଯେକୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ଅନ୍ୟ ଧର୍ମ ପରିବର୍ତ୍ତନ କରିବାକୁ କିମ୍ବା ପ୍ରଳୁବ୍ଧ କରିବାକୁ ଚାହୁଥିଲେ ୬୦ ଦିନ ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିବାକୁ ପଡିବ । ଏହାପରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ନୋଟିସ ପ୍ରକାଶ କରିବା ସହିତ ଏହା ଉପରେ ଆପତ୍ତି ଓ ପରାମର୍ଶ ଲୋଡ଼ିପାରିବେ । ଯଦି ବ୍ୟକ୍ତିଙ୍କର କୌଣସି ସମ୍ପର୍କୀୟ ଆପତ୍ତି ଉଠାଇଥାନ୍ତି, ତେବେ ପୁଲିସ ସେହି ବ୍ୟକ୍ତି ଏବଂ ଅଦ